# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ଅଜବ ଦେଶରେ

ଏଲିସ୍

ଲେଖା-ଲୁଇ କେରଲ

ଅନୁବାଦକ-ଶ୍ରୀ  ରଘୁନାଥ ଦାସ

www.jataayu.org

ମୋତେ ପଢ଼

ଲୁଇ କେରଲ ବୋଲି ଇଂଲାଣ୍ଡ ଦେଶର ଜଣେ ପିଲାଳିଆ  ବୁଢା (ବା ବୁଢ଼ାଳିଆ ପିଲା) ଦିନକରେ ଗୋଟିଏ ଅଝଟିଆ ପିଲାକୁ (ତୁମେ ନୁହଁ ) ଏହି ଗପ ବହିଟି ଉପହାର ଦେଲେ। ସେ ପିଲା ଉପହାରଟି ପାଇଲା ଯେ, ହେଲେ ପିଲା ତ ଅତି ବେହୁସିଆର, ତାକୁ ହଜେଇଦେଲା। ସେ ହଜାଉ କି ନ ହଜାଉ  ଉପହାରଟି ହଜିଗଲା, କାହିଁକି ନା, ସେ ଉପହାର ଥିଲା ପିଲାଙ୍କ ଲାଗି , ଯେବେ ସେ ସବୁଦିନ ପିଲା ହୋଇଥାନ୍ତା ତେବେ ସେ ବହି କାହିଁକି ହଜିଥାନ୍ତା କି! କିନ୍ତୁ ସେ ଅମାନିଆ ବଡ଼ ହୋଇଗଲା। ଏ ବହି ତା ଠାରୁ ପଳାଇଯାଇ ଘୂରି ବୁଲିଲା, ଚାରିଆଡ଼େ 'ମୋତେ ପଢ଼, ମୋତେ ପଢ଼' ବୋଲି ପାଟି କରି। ବହି ପଛେ ବହୁତ ପିଲା ଗୋଡ଼ାଇଲେ ଇଂରେଜ ପିଲା, ଫରାସୀ ପିଲା, ହିନ୍ଦୀ ପିଲା, ବଙ୍ଗାଳୀ ପିଲା, ଓଡ଼ିଆ ପିଲା-ଦୁନିଆ ଯାକର ଯେତେ ପିଲା। ସବୁ ପିଲା ବହିକୁ  ଘେରିଗଲେ, ବହି ତହୁଁ ତରବରରେ  ଗୋଟାଏ ଟବୁଲ ଉପରକୁ ଉଠିଗଲା। ବର୍ତ୍ତମାନ ପ୍ରଶ୍ନ ହେଲା ଦୁନିଆର ଏତେ ପିଲା, ଖଣ୍ଡେ ବହି ପଢ଼ିବେ କିପରି? ପିଲାଙ୍କ ଭିତରେ କନ୍ଦାକଟା ଆରମ୍ଭ ହେଲା। କନ୍ଦାକଟା ଚାଲିଛି, ଏହି ସମୟରେ ବହିଟା ଖୋଲିଗଲା ଓ ବଡ଼ ପାଟିରେ କହିଲା, "ଦେଖ ପିଲାମାନେ, କାନ୍ଦନାହିଁ। ତୁମେ ଯେତେ ଜଣ ଅଛ, ମୁଁ ସେତେ ଖଣ୍ଡ ହୋଇଯାଉଛି।" ଏକଥା ଶୁଣି ପିଲାଙ୍କ ଭିତରେ ଭାରି ଭାଳେଣି ପଡ଼ିଲା, ବହିଟା ଯଦି ଏତେ ଖଣ୍ଡ ହୋଇଯାଏ ,ତେବେ କଣ ହବ ଭଲା। ଖାଲି ଗୋଟିଏ ଅଧେ ଅକ୍ଷର ସିନା ପ୍ରତି ପିଲାଏ ପାଇବେ ,ହାୟ ହାୟ ଏଡ଼େ  ସୁନ୍ଦର ବହିଟା କୁଟାକୁଟା ହୋଇଯିବ। ଆମେ କିଆଁ କନ୍ଦାକଟା କଲେ ବୋଲି ଦୁଃଖ କରି ପିଲାମାନେ ଆହୁରି ଜୋରରେ କାନ୍ଦିବାକୁ ଲାଗିଲେ। ଆଖି ବୁଜି ସେମାନେ କିଛି ସମୟ କାନ୍ଦିଲେଣି, ଏତିକିବେଳେ ପାଟି ଶୁଭିଲା,"ମୋତେ ପଢ଼।" ପିଲାମାନେ ଆଖି ଖୋଲି ଦେଖନ୍ତି ଥାକ ଥାକ ବହି। ସେମାନେ ହଠାତ୍ ଖୁସି ହୋଇଗଲେ।, ବହିରୁ ଖଣ୍ଡେ ଖଣ୍ଡେ

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ଘେନିଯାଇ ଖୋଲି ଦେଖନ୍ତି ଯେ ବହି ମୋଟେ ଛିଣ୍ଡିନାହିଁ, ସୁନ୍ଦର ବନ୍ଧେଇ ହେଇଚି, ଚମତ୍କାର ଛପା ହେଇଚି, ଆଉ ବହିରେ ଛବି ଅଛି। ସେ ଛପା ଏଭଳି ତାଜିବ୍ ଛପା ଯେ ଇଂରେଜ ପିଲା ପଢ଼ିଲା ବେଳକୁ ତାହା ଇଂରାଜୀ, ଫରାସୀ ପିଲା ପଢ଼ିଲା ବେଳକୁ ତାହା ଫରାସୀ, ବଙ୍ଗାଳି ପିଲା ପଢ଼ିଲା ବେଳକୁ ତାହା ବଙ୍ଗଳା ଆଉ ଓଡ଼ିଆ ପିଲା ପଢ଼ିଲା ବେଳକୁ ତାହା ଓଡ଼ିଆ। ପିଲାମାନେ ଯେତେବେଳେ ପଢ଼ିବାକୁ ବସିଛନ୍ତି, ବାଜେକଥା କହି ଗୋଳମାଳ କରିବା ଠିକ୍ ନୁହେଁ। ସେମାନେ ପଢ଼ିବାରେ ମନ ଦିଅନ୍ତୁ ଓ ମନ ଦେଇ ପଢ଼ନ୍ତୁ।

www.jataayu.org

## ଠେକୁଆ ଗାତରେ ଏଲିସ୍

ଦିନକରେ ପୋଖରୀ କୂଳରେ ଏଲିସ୍‌ର ଅପା ବସିଚି, ତା ପାଖକୁ ଲାଗି କରି ବସିଚି ଏଲିସ୍। କିଛି ବୋଲି କିଛି କାମ ନାହିଁ, ତୁଚ୍ଛାଟାରେ ବସି ବସି ଏଲିସ୍‌କୁ ଚିଡ଼ା ଲାଗିଲା। ଏଲିସ୍‌ର ଅପା କଣ ଖଣ୍ଡେ ବହି ଧରି ବସିଛି । ଏଲିସ୍ ଉଙ୍କି ମାରି ଥରେ ଦିଥର ଅପାର ବହିକୁ ଚାହିଁଲା। ବହିଟାରେ କିନ୍ତୁ ଗୋଟାଏ ବୋଲି ଚିତ୍ର ନାହିଁ କି କୋଉଠି ବୋଲି କଥା କାହାଣୀଟିଏ ନାହିଁ। ଏଲିସ୍ ଭାବିଲା-"ବହିରେ ଯେବେ ଛବି ନାହିଁ କି କଥା ଭାଷା ନାହିଁ ସେ ଭଳିଆ ବହି ଥାଇ କେତେ, ନଥାଇ କେତେ। "

ଖରାବେଳେ, ଭାରି ଗରମ ହଉଚି। ଏଲିସ୍‌କୁ ଟିକିଏ ଟିକିଏ ଆସକତିଆ ଲାଗୁଛି; ଗୋଟାଏ ଦିଟା ହାଇ ଆସିଲା। ନିଦ ଢୁଳ ଢୁଳ ଆଖିରେ ଏଲିସ୍ ଭାବୁଥାଏ, ଫୁଲ ମାଳଟାଏ ଗୁନ୍ଥିଲେ କେମିତି ହୁଅନ୍ତା! ମାଳ ଗୁନ୍ଥିବାକୁ ହେଲେ ତ ଫେର ବସିଲାଠୁ ଉଠିବାକୁ ହବ। ଏଲିସ୍ ଇମିତିକା ଭାବୁଛି ଏଇ ସମୟରେ ତାରି କତିରେ ଗୋଟାଏ ଧୋବ ଫରଫର ଠେକୁଆ ଦୌଡ଼ି ପଳାଇଲା। ସେ ଠେକୁଆ ଇମିତି ସେମିତି ଠେକୁଆ ନୁହଁ; ଜାମା ଜୋଡ଼ ପିନ୍ଧି ଫିଟ୍‌ଫାଟ୍ ବାବୁ। ହେଲେ ତାକୁ ଦେଖି ଏଲିସ୍‌କୁ ତାଜୁବ୍ ଲାଗି ନଥିଲା। ଠେକୁଆ ମନକୁ ମନ କହି ଚାଲିଥାଏ, "କି ହେଲାରେ;କି ହେଲାରେ;ମୋର ତ ଉଛୁର ହୋଇଯିବ।" ଠେକୁଆ ଏଭଳିଆ କଥା କହିବାଟା ବି ସେତେବେଳେ ଏଲିସକୁ ଅସଙ୍ଗତ ବୋଧ ହୋଇନଥିଲା। କିନ୍ତୁ ଯାଉ ଯାଉ ଯେତେବେଳେ ଠେକୁଆ ସତକୁ ସତ ତା ଛାତି ପାକିଟରୁ ଚେନ୍‌ବନ୍ଧା ଘଡ଼ିଟାଏ ବାହାର କରି ସମୟ କେତେ ହେଲା ବୋଲି ଦେଖିଲା, ଦେଖି କରି ଯୋଗାଡ଼ ଆହୁରି ବେଗେ ବେଗେ ପକାଇଲା, ଏଲିସ୍ ଆଉ ସମ୍ଭାଳି ପାରିଲା ନାହିଁ, ତାଜୁବ୍ ହେଇ ଖପ୍ କରି ଛିଡ଼ା ହୋଇପଡ଼ିଲା। ଏତେବେଳକୁ ଏଲିସ୍‌ର ହେଜ ହେଲା ଯେ ୟେ ତ ଏକ ନୂଆ କିସମ

*ଅନୁବାଦ*

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ଠେକୁଆ, ଏଇଭଳି କୋଉ ଠେକୁଆର ଭିତର କୋଟ ପାକିଟ,କି ଘଣ୍ଟା ଥିବାର ତ ସ କେବେ ଦେଖିନଥିଲା। ଏଲିସ୍‌କୁ ବଡ଼ କଉତୁକିଆ ଲାଗିଲା; ସେ ଠେକୁଆ ପଛେ ପଛେ ପ୍ରକାଣ୍ଡ ଗାତ ଅଛି। ଠେକୁଆ ଖପ୍‌କିନା ସେଇ ଗାତ ଭିତରକୁ ଡେଇଁ ପଡ଼ିଲା। ଏଲିସ୍ ସାଙ୍ଗେ ସାଙ୍ଗେ ତାପଛରେ ବି ଡେଇଁ ପଡ଼ିଲା ସେଇ ଗାତ ଭିତରକୁ।

ସେଇ ଗାତ, ଭିତରଟା କିଛି ଦୂର ଯାଏ ସୁଡ଼ଙ୍ଗ ଭଳିଆ କ୍ରମଶଃ ଢାଲୁ ହୋଇ ଯାଇଛି। ତେଣୁ ଏଲିସ୍ ବହୁଦୂର ପର୍ଯ୍ୟନ୍ତ ବେଶ୍ ଚାଲି ଚାଲି ଗଲା। କିନ୍ତୁ ଗୋଟାଏ ଜାଗାରେ ଗାତଟା ହଠାତ୍ କୂଅ ଭଳିଆ ଏମିତି ସଳଖ ହେଇଯାଇଚି ଯେ ଅନ୍ଧାର ଭିତରେ ଗୋଡ଼ ବଢେଇ ଦେଇ ଏଲିସ୍ ଆଉ ଯାଏ କୁଆଡ଼େ । ସିଧାସଳଖ ସର ସର କରି ଏଲିସ୍ ସେଇ କୂଅ ଭିତରେ ପଡ଼ିଗଲା ତା।

କୂଅଟା ଭାରି ଗହିଡ଼ିଆ ଥିଲା ବୋଧହୁଏ,ନୋଇଲେ ହୋଇପାରେ ସେ ଧୀରେ ଧୀରେ ଖସୁଥିଲା। କାହିଁକି ନା, ଗଳି ପଡ଼ିବା ବେଳେ ତା ଚାରିକରକୁ ଆଖି ଫେରେଇବାକୁ, ଆଉ ଏହାପରେ ତାର ଯେ କଣ ହବ ଏକଥା ଭାବିବାକୁ ତାକୁ ତ ଢେର୍ ବେଳ ମିଳିଲା।କୋଉଠି ଯାଇ ଶେଷରେ ପଡ଼ିବ; ଏକଥା ଜାଣିବାକୁ ଏଲିସ୍ ପହିଲେ କୂଅ ତଳକୁ ଆଖି ତଳକୁ ଆଖି ପକାଇଲା। ତଳଟା ଖାଲି କିଟିମିଟିଆ ଅନ୍ଧାର, କିଛି ଦିଶିଲା ନାହିଁ । ସେଇଠୁ କୂଅ ଆଡ଼କୁ ଚାହିଁଲା , ଦେଖିଲା ବେଳକୁ ସେଠି କେତେ ବୋଲି କେତେ ଦରବ ସଜା ହେଇ ଥୁଆ ହେଇଚି;ବହି ଥାକ ଥାକ ଥୁଆ ହେଇଚି। କୋଉଠି କିମିତି କଣ୍ଟାରୁ ମାନଚିତ୍ର ଆଉ ଛବି ବି ଝୁଲୁଚି। ଗୋଟାଏ ଥାକରୁ ଏଲିସ୍ ଗୋଟାଏ ବଡ଼ ବୋତଲ ବି ଉଠେଇନେଲା। ଉଠେଇନେଇ ଦେଖେ ତା ଉପରେ ସୁନ୍ଦର ସୁନ୍ଦର ଅକ୍ଷରରେ ଲେଖା ହେଇଛି –'କମଳା ଆଚାର'। ଏଲିସ୍‌ର ଜିଭଟା ପାଟି ଭିତରେ ଉପର ତଳ ହୋଇଗଲା। ମଲା ମଲା, ଖାଲି ଶିଶିଟା! ଶିଶିଟା ଫୋପାଡ଼ିଦବ ବୋଲି ସେ ଭାବୁଥିଲା,କିନ୍ତୁ ପକେଇଲା ନାହିଁ। ତଳେ କିଏ ଥିବ, ତାହା ଦେଦରେ ବାଜି କାଳେ ସେ ମରିଯିବ, ସେହିଯୋଗୁଁ ଏଲିସ୍ ଗଳି ପଡୁ ପଡୁ ଆଉ ଗୋଟାଏ ଥାକ ଦେଖି ଶିଶିଟାକୁ ସେଠି ଥୋଇଦେଲା।

ଏହିପରି ଶୂନ୍ୟରେ ଗଳି ପଡୁ ପଡୁ ଏଲିସ୍ ନାନା କଥା ଭାବିବାକୁ ଲାଗିଲା, ବାଃ, କେତେ ବାଟ ଆଉ ପଡ଼ିବି ଭଲା। ଆଚ୍ଛା ତ, ଇମିତିକା ଥରେ ପଡ଼ିଲେ, କୋଠା ତଳକୁ ଖସି ପଡ଼ିବାକୁ ତ ମୁଁ ଆଉ ପଡ଼ିବା ତଳେ ଗଣିବି ନାହିଁ। ଘରେ ସମସ୍ତେ ମତେ ସାବାସ୍ କରିବେ ଏଥର । ଏଥର, କୋଉଠୁ ପଡ଼ିଲେ ବି ମୁଁ ତ କାହା ଆଗରେ କହିବି ନାହିଁ। ଛାତ ଉପରୁ ହେଉନା କାହିଁକି!

ଆଚ୍ଛା ହେଲା ଏବେ! ମୁଁ ତ ଗଳି ପଡୁଛି, ପଡୁଛି ଯେ କେତେ ବାଟ କେଜାଣି? ଆଉ କଣ ଏ ଗାତଟା ସରିବ ନାହିଁ କି? ଗାତଟା ମାଟି ଫୁଟେଇ ଏକଦମ୍ ପୃଥିବୀର ଆରପଟେ ଯାଇ ବାହାରିନାହିଁ ତ? ଯେବେ ସେ ପଟେ ବାହାରିଥାଏ,ତେବେ ବେଶ୍ ଗୋଟେ ମଜା ହେବ। ସେଠିକାର ଲୋକେ ତ ତଳକୁ ମୁଣ୍ଡ କରି ପୃଥିବୀ ଆଡ଼େ ଗୋଡ଼ କରି ଝୁଲୁଥିବେ। ବାଃ ,

www.jatayu.org

Powered by Tekons

ଅନୁବାଦ

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ତେବେ ସେଟା କୋଉ ଦେଶ ମତେ ପଚାରି ବୁଝିବାକୁ ପଡ଼ିବ। ଆଚ୍ଛା, ମୁଁ ଯେବେ ସେ ଦେଶ ନାଁ ତାହାରିକି ପଚାରେ, ସେ ତ ଭାବିବ ମୁଁ କେତେ ମୁର୍ଖ। ନାଃ ପଚାରିବି ନାହିଁ, କୋଉଠି ତା ଛକପଟ୍ଟ ଜାଗାରେ ହେଲେ ଲେଖା ହେଇଥିବ, ପଢ଼ିଦେବି।

ଏହିପରି କେତେ କଥା ଏଲିସ୍‌ର ମନକୁ ଆସୁଥାଏ। କେତେ କଣ ସେ ଭାବି ଯାଉଚି; ଏହି ସମୟରେ ଲଥ୍ କରି ଗୋଟାଏ ଜାଗାରେ ସେ ପଡ଼ିଲା। ଭାଗ୍ୟକୁ  ତାର; ନଡ଼ା ଆଉ ଶୁଖିଲା ପତର ଗଦାଟାଏ ଥିଲା, ତାହାରି ଉପରେ ସେ ପଡ଼ିଲା ଯେ ତା ଦେହରେ ମୋଟେ ଆଞ୍ଚ୍ ଲାଗିଲା ନାହିଁ। ପଡ଼ିଚି ଯିମିତି ସେ ଝାଡ଼ିଝୁଡ଼ି ହେଇ ଖପ୍ କରି ଛିଡ଼ା ହୋଇଗଲା। ଉପରକୁ ଯେତେବେଳେ ଏଲିସ୍ ଅନାଏ, ଉପରଟା ଭୟାନକ ଅନ୍ଧକାର । କିନ୍ତୁ ଏଲିସ୍‌ର ମୁହଁ ସିଧାସଳଖ ହେଇ ଗୋଟାଏ ବାଟ ପଡ଼ିଛି କେତେ ଦୂର ଯାଏଁ। ସେଠି ଚାହିଁଲା ବେଳକୁ ସେ ଧୋବ ଠେକୁଆଟା ନସର ପସର ହେଇ ଧାଇଁଚି ସେହି ବାଟ ଧରି। ଠେକୁଆକୁ ଦେଖି ଏଲିସ୍ ସାଙ୍ଗେ ସାଙ୍ଗେ ତା ପିଛା ଧରି ପବନ ପରି ଛୁଟିଗଲା। ଗୋଟାଏ ବାଙ୍କ ବୁଲିଲା ବେଳକୁ ଠେକୁଆ ମନ କହୁଥାଏ, ଏଲିସ୍‌ର କାନରେ  ପଡ଼ିଗଲା "ଓଃ ମୋର ତ ବଡ଼ ଡେରି ହୋଇଗଲା।"

ବାଙ୍କଠି ଏଲିସ୍ ପଛରେ ଲାଗିଯାଇଥିଲା ପ୍ରାୟ, କିନ୍ତୁ ବାଙ୍କଟା ବୁଲି କରି ଦେଖିଲା ବେଳକୁ ଠେକୁଆ କୁଆଡ଼େ ଅଦୃଶ୍ୟ ହୋଇଗଲାଣି। ଏଲିସ୍ ଆଉ ତାର ସନ୍ଧାନ ପାଇଲା ନାହିଁ। ଏଲିସ୍ ବାଙ୍କ ବୁଲି ଦେଖେ ତ ଗୋଟାଏ ଲମ୍ବା ମସ୍ତବଡ଼ ଘର ଭିତରେ ସେ ଆସି ଠିଆ ହେଇଚି, ସେ ଘର ଛାତରୁ ଆଲୁଅ ମାଳମାଳ ଓହଳିଚି; ଚାରିଆଡ଼ ଖାଲି ଉଜାଲା ହେଇଯାଇଛି। ସେ ବଖୁରିଟିରେ ବହୁତ ଗୁଡ଼ିଏ ଦରଜା ଅଛି- ଚାରିପଟ ଯାକ, କିନ୍ତୁ ସବୁ ଦରଜା ଯାକ ବନ୍ଦ। ଏପଟ ସେପଟ ହେଇ ଏଲିସ୍ ସବୁ କବାଟରେ ହାତ ମାରି ଆସିଲା, କୋଉଟା ବି ଖୋଲିଲା ନାହିଁ। ଏଲିସ୍ ଏବେ କରେ କଣ? ଘର ମଝିରେ ଠିଆ ହୋଇ ଏଲିସ୍ ମନେ ମନେ ବିଚାରିଲା; ଆଚ୍ଛା ହେଲା ତ! ମୁଁ ଏବେ ଘରୁ ବାହାରେ କିଭଳିକା?

ଏହିପରି ଏଲିସ୍ ଦେଖିଲା ସାମନାରେ ଗୋଟିଏ ଛୋଟ ତିନିଗୋଡ଼ିଆ କାଚଟେବୁଲ ଆଉ ତା ଉପରେ ସୁନାର ଟିକି ଚାବିଟିଏ। ଏ ଚାବିଟି ଦେଖି ଏଲିସ୍ ଟିକିଏ ବଳ ପାଇଲା ; ଭାବିଲା ଏଇ ଚାବିରେ ଘରର କୋଉ ଦରଜା  ଖୋଲି ହେବ ତ! ଏ ଦରଜା ସେ ଦରଜା ସବୁ ତାଲାରେ ଏଲିସ୍ ସେ ଚାବିକି ମୋଡ଼ିଲା; କିନ୍ତୁ ହାୟ, ତାଲାଗୁଡ଼ାକ ହୁଏ ତ ନିହାତି ବଡ଼, ନୋହିଲେ ଚାବିକାଠିଟା ନିହାତି ଟିକିଟିଏ; କୋଉ ଦରଜା ନ ଖୋଲେ । ଏଲିସ୍ ଏଥିରେ ଦବି ନ ଯାଇ ଆଉ ଥରେ ପ୍ରତ୍ୟେକ ଦରଜାର ତାଲାରେ ଚାବି ଲଗେଇ ପରଖ କରିବାକୁ ଲାଗିଲା, କାଳେ କୋଉ ଦରଜା ଖୋଲିଯାଇପାରେ। ଏଥର ହଠାତ୍ ତା ନଜରରେ ପଡ଼ିଲା ଗୋଟାଏ ଛୋଟ ପରଦା ଝୁଲୁଛି।  ପରଦା ସେପଟେ ଦେଖିଲା ବେଳକୁ ସେଠି ଛୋଟ ଗୋଟିଏ ଦରଜା ଅଛି; ଦରଜା ଯେ, ମୋଟେ ଦି ଚାଖଣ୍ଡ ଉଚ୍ଚ। ଏଲିସ୍ ସେ ଦରଜାରେ ସୁନା ଚାବିକାଠି ଲଗେଇ

www.jatayu.org

Powered by Tekons

*ଅନୁବାଦ*

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ମୋଡ଼ିଲା।  ସେ ଚାବି ଯେତେବେଳେ ତାଲାକୁ ଠିକ୍ ହେଲା ଏଲିସ୍‌ର ଖୁସି ଦେଖେ କିଏ। ଦରଜା ଖୋଲିଗଲା; ଏଲିସ୍ ଦେଖେ ତ ସେ ଦରଜାରୁ ଗୋଟିଏ ସରୁ ହୋଇ ରାସ୍ତା ପଡ଼ିଛି। କିନ୍ତୁ ରାସ୍ତାଟି ଏତେ ସରୁ ଯେ ସେଥିରେ ବଡ଼ ଜୋର ଗୋଟାଏ ଗାତୁଆ ମୂଷା ଗଳିଯାଇପାରେ । ଏଲିସ୍ ହାମୁଡ଼େଇ ପଡ଼ି ସେ ଗାତଟି ଭିତରକୁ ଚାହିଁ ଦେଖେ, ସେଇ ମୂଷା ଗାତ ଭଳି ରାସ୍ତା ଯାଇ ପଡ଼ିଚି ଗୋଟିଏ ନାହିଁ ନଥିବା ଦିବ୍ୟସୁନ୍ଦର ବଗିଚା ଭିତରକୁ। ଭଳିକି ଭଳି ସେଠି କେତେ ଭଳି ରଙ୍ଗ ବେରଙ୍ଗ ଫୁଲ ଫୁଟି ବଗିଚାଟିକି ଉଜ୍ଜ୍ୱଳ କରି ଦେଇଛି। ଏଡ଼େ ସୁନ୍ଦର ବଗିଚା ଏଲିସ୍ ଆଉ ଆଗରୁ କେବେ ଦେଖିନଥିଲା। ବଗିଚାକୁ ଦେଖି ଘର ଭିତରୁ ବାହାରି ସେଠିକି ଯିବାକୁ ଏଲିସ୍‌ର ମନ ହାଇଁପାଇଁ ହେଲା। କିନ୍ତୁ ସେ ଏଡ଼ିକି ଟିକିଏ ବାଟ , ବାଟ ତ ନୁହେଁ, ମୂଷାଗାତ। ତା ଭିତରେ ଯିବ ବା କିଭଳି? ଥରେ ଦିଥର ଏଲିସ୍ ସେ ବାଟରେ ଯିବାକୁ ଚେଷ୍ଟା କଲା, କିନ୍ତୁ ବୃଥା ହେଲା। ଦରଜାରେ ଏଲିସ୍‌ର ମୁଣ୍ଡଟା ଗଳିଲା ନାହିଁ ଆଗ! ଏଲିସ୍‌ର ମନେ ହେଉଥାଏ "ଖାଲି ମୁଣ୍ଡଟା ଗଳିଗଲେ ବି କଣ ହବ, କାନ୍ଧଟାକୁ ଛାଡ଼ି ମୁଣ୍ଡଟା ଖାଲି ଯେବେ ଯାଏ, କୋଉଥିକି ହବ ସେ । ଦୂରବିକ୍ଷଣ ଯନ୍ତ୍ର ଭଳିଆ ମୁଁ ହୋଇଥାଆନ୍ତି କି ଭଲା, ଭାଙ୍ଗିଦେଲେ ଛୋଟ ହୋଇଯାଆନ୍ତି, ଫେର୍ ଖୋଲି ଦେଲେ ବଡ଼ ହୋଇଯାଆନ୍ତି।।"

ଏଲିସ୍ ଦେଖିଲା ଦରଜା ପାଖରେ ଛିଡ଼ା ହେଇ କିଛି ଲାଭ ନାହିଁ, ସେ କାଚ ଟେବୁଲ୍ ପାଖକୁ ଫେରି ଆସିଲା ତା ମନରେ ବି ଗୋଟାଏ ଆଶା ଥାଏ, କିଛି ନ ହେଲେ ବି ଆପଣାକୁ ଦୂରବୀକ୍ଷଣ ଯନ୍ତ୍ର ଭଳିଆ ଭଙ୍ଗାଭଙ୍ଗୀ କରିପାରିବା ଲାଗି କୌଣସି ସୂତ୍ର ଯେବେ କୋଉଠୁ ମିଳେ! ଏଥର କିନ୍ତୁ ଏଲିସ୍ ଯେତେବେଳେ ଟେବୁଲ ପାଖକୁ ଯାଏ,ସେ ଦେଖିଲା ଯେ ଟେବୁଲ ଉପରେ ଛୋଟ ବୋତଲଟାଏ ଥୁଆ ହେଇଚି। (" ଏ ବୋତଲ ତ ଏଠି କୋଉଠି ନଥିଲା।"ଏଲିସ୍ ମନକୁ ମନ ଚୁପ୍‌ଚାପ୍ ହେବାକୁ ଲାଗିଲା,) ଆଉ ବୋତଲ ଉପରେ ଗୋଟାଏ କାଗଜ ଟିକଟ ମାରି ତା ଦେହରେ ସୁନ୍ଦର ବଡ଼ ବଡ଼ ଅକ୍ଷରରେ ଛାପା ହେଇଚି, "ମୋତେ ପିଅ।"

'ମୋତେ ପିଅ' ବୋଲି କହିଦେବା ତ ସହଜ କଥା କିନ୍ତୁ ଏଲିସ୍ ବଡ଼ ଚାଲାଖି,ସେ କଣ ଏଡ଼େ ଚଞ୍ଚଳ ନ ଭାବି ନ ଚିନ୍ତି ପିଇଦେବ! "ନା, ମୁଁ ଆଗ ଦେଖିବି, କୋଉଠି 'ବିଷ'ବୋଲି ଲେଖା ହେଇଚି କି ନାହିଁ।" ସେ ପରା କେତେ ବଢ଼ିଆ ବଢ଼ିଆ ଗପ ପଢ଼ିଚି; ସେଥିରେ ସବୁ କୋଉ ପିଲା ନିଆଁରେ ପୋଡ଼ିଗଲା, ନୋଇଲେ କାହାକୁ ବାଘଭାଲୁ ଖାଇଗଲା, ନୋଇଲେ ସିମିତି କିଛି ଅନିଷ୍ଟ ହେଲା। କାହିଁକି ଭଲା ହୋଇଥାନ୍ତା। ବାପା ମାଆ ଭାଇ ଭଉଣୀ ଯୋଉସବୁ କଥା ଶିଖେଇଥିଲେ ସେ କଥା ମନେ ନ ରଖି ନ ମାନିଲେ ବୋଲି ସିନା! ବଡ଼ ବଡ଼ ପରା କହନ୍ତି, ତତଲା ଲାଲ ଟହ ଟହ ଖଡ଼ିକାକୁ ଧଇଲେ ହାତ ଫୋଟକା ହୋଇଯିବ, ଛୁରୀରେ ଆଙ୍ଗୁଠିଟି କାଟି ପକେଇଲେ ସେଥିରୁ ରକତ ବୋହିବ। ଏଲିସ୍‌ର ମନେ ଅଛି, ତାକୁ ମାଆ କହିଥିଲେ ଯେ ଯେବେ କୋଉ ବୋତଲ ଉପରେ 'ବିଷ' ବୋଲି ଲେଖା ହେଇଥିବ, ସେ ବୋତଲରୁ ପିଇଲେ ସାଙ୍ଗେ ସାଙ୍ଗେ ହେଉ କି ଦିନେ କି ଦି ଦିନେ ହେଉ ଯେତେବେଳେ ହେଲେ ଦେହ ଖରାପ ହେବ। ଏଲିସ୍ ସେ କଥା ଜମା ଭୁଲିନାହିଁ।

Powered by Tekons

ଅନୁବାଦ

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ଯାହା ହେଉ, ଏ ବୋତଲରେ କୋଉଠି'ବିଷ'ବୋଲି ଲେଖା ନ ଥିଲା; ଏଲିସ୍ ଆଉ ସମ୍ଭାଳି ନପାରି ସବୁଯାକ ପିଇଦେଲା।

ପିଇଦେଲା ତ, ଯାଏ କୁଆଡ଼େ? ତା ଦେହରେ କିମିତି ଗୋଟାଏ ନିଶା ଥିଲା, ଏଲିସ୍‌ର ମୁଣ୍ଡ ବୁଲେଇଦେଲା। ତା ପରେ ଏଲିସ୍ କ୍ରମଶ ଛୋଟ ହେବାକୁ ଲାଗିଲା। ଏଲିସ୍ ଭାବିଲା, "ଏ ତ ଏକ ନୂଆ କଥା, ମୁଁ ବୋଧହୁଏ ଦୂରବୀକ୍ଷଣ ଯନ୍ତ୍ର ଭଳି ଏବେ ମୁଦି ହୋଇଯାଉଚି।" ସତକୁ ସତ, ସେଇୟା। ଛୋଟ ହେଇ ହେଇ ସେ ଏବେ ମୋଟେ ଚାଖଣ୍ଡେ ରହିଲା। ନିଜକୁ ଏପରି ଛୋଟ ହୋଇଯିବାର ଦେଖି ଏଲିସ୍ ଖୁବ୍ ଖୁସିହେଲା, କାହିଁକି ନା, ଏଥର ସେ ନିଶ୍ଚେ ଛୋଟ ଦରଜା ବାଟେ ଗଳିଯାଇ ସେ ସୁନ୍ଦର ବଗିଚାରେ ପହଞ୍ଚି ପାରିବ। ପ୍ରଥମେ କିନ୍ତୁ ସେ କିଛି ବେଳ ସତାର କଲା, ଦେଖୁଥିଲା ଆହୁରି ଛୋଟ ହଉଚି କି ନାହିଁ ତାର ବି ଟିକିଏ ଭୟ ହେଉଥାଏ, କାଳେ ଯେବେ ଇମିତି ଛୋଟ ହେଉ ହେଉ ମହମବତୀ ଭଳିଆ ବିଲକୁଲ ଲୋପ ପାଇଯିବ। ସେତେବେଳେ ତାର ରୂପ କି ଭଳିଆ ହବ ଭଲା? ଏତିକି ବେଳେ ତା ମନକୁ ଆସିଲା ମହମବତୀ କଥା; ଏଲିସ୍ କଳ୍ପନା କରିବାକୁ ଚେଷ୍ଟା କଲା ମହମବତୀ ଜଳିଗଲା ତାର ରୂପଟା କି ଭଳିଆ। କାହିଁ, କେବେ ତ ସେ ସିମିତି କିଛି ରୂପ ଦେଖିନାହିଁ।

କିଛି ବେଳ ଅପେକ୍ଷା କଲା ପରେ ଯେତେବେଳେ ଏଲିସ୍ ଦେଖିଲା ଯେ ଆଉ କିଛିହେଲା ନାହିଁ, ସେ ବଗିଚା ଭିତରକୁ ସାଙ୍ଗେ ସାଙ୍ଗେ ଯିବାକୁ ବସିଲା। କିନ୍ତୁ ପୁଣି ତ ଏକ ମୁସ୍କିଲ ବ୍ୟାପାର ! ଛୋଟ ଦରଜା ମୁହଁରେ ପହଞ୍ଚିଛି, ତାର ମନେପଡ଼ିଗଲା ସୁନାକାଠି କଥା। ସୁନାକାଠି ପାଇଁ ସେ ଟେବୁଲ ପାଖକୁ ଯାଇ ଦେଖେ ତ ଆଉ ତା ହାତ ନପାଏ। କାଚରେ ସୁନାକାଠିଟା ଦିଶୁଚି, ସେ ହାତ ବଢ଼ାଇଲା, କିନ୍ତୁ ଆଉ ନ ପାଏ। ଏଲିସ୍‌ର ହାତ ଯୋଉଠୁ ନ ପାଇଲା, ସେ ଟେବୁଲର ଗୋଟାଏ ଗୋଡ଼ ଉପରେ ଚଢ଼ିଲା ଚାବି ଆଣିବ ବୋଲି, କିନ୍ତୁ ସେ ଏଡ଼େ ଖସଡ଼ା  ଯେ ଏଲିସ୍ ଆଉ ଚଢ଼ିପାରିଲା ନାହିଁ। ଅନେକ ଥର ଚଢ଼ିଲା, କୋଉଥିରେ ଆଉ ଗୋଡ଼ ଠାକୁ ନଥାଏ। ଏଲିସ୍ ଅନେକ ପ୍ରକାରରେ ଚେଷ୍ଟା କଲା ସୁନାକାଠିଟା ଆଣିବ; କୌଣସି ପ୍ରକାରେ କିନ୍ତୁ ହେଲାନି। ଏଲିସ୍ ସେତେବେଳକୁ ଭାରି ହରକତ ହେଇଗଲାଣି; ଦୁଃଖରେ ବସି ପଡ଼ି ଖାଲି କାନ୍ଦିଲା।

"ଆଃ, ଇମିତି କାନ୍ଦି କି ଲାଭ? ଯେତିକି କାନ୍ଦିଲୁ କାନ୍ଦିଲୁ; ଆଉ କାନ୍ଦ ନା , ମୋ ବୋଲ ମାନି।" ମନକୁ ମନ ଏଲିସ୍ ଆପଣାକୁ ଚଟାପଟ ତୁନି କରିଦେଲା।  ଏହି ସମୟରେ ଟେବୁଲ ତଳେ ଥୁଆ ହୋଇଥିବା ଗୋଟାଏ କାଚ ବାକ୍ସ ଉପରେ ତାର ନଜର ପଡ଼ିଲା ସେଇ ବାକ୍ସ ଖୋଲି ଏଲିସ୍ ଦେଖିଲା, ତା ଭିତରେ କୁନି ପିଠାଟିଏ ଅଛି ଆଉ ପିଠା ପିଠିରେ ରଙ୍ଗିନ୍ ଚିନିର ଅକ୍ଷରରେ ଲେଖା ହେଇଚି "ମୋତେ ଖାଅ।" ଏଲିସ୍ ତା ଦେଖି ମନକୁ ମନ କହିଲା "ହଉ, ମୁଁ ଏଇଟାକୁ ଖାଇବି। ୟାକୁ ଖାଇଲେ ମୁଁ ଯେବେ ବଡ଼ ହୁଏ, ତେବେ ତ ଭଲ କଥା, ଚାବିକି ହାତ ପାଇବ। ଯେବେ ଛୋଟ ବି ହୋଇଯାଏ, କ୍ଷତି ନାହିଁ, ଦୁଆରେ ବେଶ୍ ଗଳି ଯାଇପାରିବି। ଯିମିତି ହେଲେ ମୁଁ ଯାଇ ବଗିଚାରେ ପହଞ୍ଚିବି; ସେଣିକି ଯାହା ହେବାର ହେଉ।"

Powered by Tekons

*ଅନୁବାଦ*

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ଏଲିସ୍ ସେ ପିଠାରୁ ଟିକିଏ ଖାଇ କୋଉ ଆଡ଼କୁ ବଢୁଚି  ଜାଣିବାକୁ ଚଟାପଟ୍ ମୁଣ୍ଡ ଉପରେ ହାତଟା ରଖିଲା। କିନ୍ତୁ ଯେତେବେଳେ ଦେଖିଲା ସେ ଯେତିକି ଥିଲା ସେତିକି, ତାର ଆଶ୍ଚର୍ଯ୍ୟର ସୀମା ରହିଲାନାହିଁ। ପିଠା ଖାଇଲେ ତ କେହି ବଡ଼ ବା ଛୋଟ ହୁଏ ନାହିଁ; ତେବେ, ଏଲିସ୍ ଏ କେତେ ବେଳ ହେଲା ଏପରି ଅଦ୍ଭୁତ ଘଟଣା ସବୁ ଅଙ୍ଗେ ଲିଭେଇ ଆସିଲାଣି ଯେ ଏହିସବୁ ଘଟଣା ତାର ହେଦସୁହା ହୋଇଯାଇଥିଲା। ପ୍ରତ୍ୟେକ କଥାରେ ସେ ଆଶା କରୁଥିଲା, କିଛି ଗୋଟାଏ କିମ୍ଭୁତ କିମାକାର ଘଟିବ; କିନ୍ତୁ ଯେତେବେଳେ  ସବୁଦିନିକା ଭଳିଆ କିଛି ବିଶେଷ ଘଟିଲା ନାହିଁ, ତାକୁ କଥାଟା ବଡ଼ ମାନ୍ଦା ଲାଗିଲା। ଯାହା ହେଉ, ସେ ପିଠାଟା ଗୋଟାଯାକ ଖାଇଦେଲା।

## ଲୁହ ଗାଡ଼ିଆରେ ଏଲିସ୍

ଖାଇ ଦେଇଚି ତ।

" ଏ ହେଲା କଣ!" ଏଲିସ୍ ଅବାକ୍ ହେଇ ଭାବିଲା, "ଦୁନିଆର ସବୁଠୁ ବଡ଼ ଦୂରବୀକ୍ଷଣ ଯନ୍ତ୍ରକୁ ଖୋଲିଲେ ତ ଏତେ ଡେଙ୍ଗା ହେବନାହିଁ। ମୋର ପାଦ ଗଲା କୁଆଡ଼େ?" (ଯାହାକୁ ଚାହିଁଲା ବେଳକୁ ଏଲିସ୍ ଦେଖେ ତ ପାଦ ଯାଇ କାହିଁ ତଳେ ପଡ଼ିଲାଣି ଯେ ଆଉ ଆଖିକି ଦିଶୁନାହିଁ) "ବିଚରା ପାଦ ଦିଟା କଣ କରିବେ ଏଣିକି! କିଏ ତାଙ୍କୁ ଭଲା ଆଉ ଜୋତା ପିନ୍ଧେଇଦେବ। ମୁଁ ତ ଆଉ ପାରିବି ନାହିଁ ଦେଖୁଚି। ମୁଁ ଯାଇ କାହିଁ କୋଉଠି,ମୋର ତମ କଥା ଭାବିବାକୁ ଫୁରସତ କାହିଁ? ତମ କଥା ତମେ ବୁଝିବ ଏଣିକି।" ପାଦକୁ ୟେ କଥା ଏଲିସ୍ କହିଦେଲାତ,କିନ୍ତୁ ପଛେ ପୁଣି ଭାବିଲା, "ଆଚ୍ଛା, ମୁଁ ଯେବେ ତାଙ୍କ ପ୍ରତି ଟିକିଏ ସହାନୁଭୂତି  ନ ଦେଖାଏ, ସେମାନେ ମୋ କଥା ମାନିବେ କାହିଁକି ? ମୁଁ ଯେତେବେଳେ ତାଙ୍କୁ କୁଆଡ଼େ ଯିବାକୁ କହିବି, ସେମାନେ ତ ଚଙ୍କିବେ ନାହିଁ । ନା, ତାଙ୍କୁ ପଟେଇ ରଖିବା କଥା। ଆଚ୍ଛା, ପୂର୍ବକୁ ପର୍ବ ପ୍ରତିବର୍ଷ ତାଙ୍କ ପାଇଁ ହଳେ ଲେଖା ନୂଆ ଜୋତା କିଣିଦେବା।"

ଜୋତା କିମିତି ପଠାଇବ, ପାରସଲ ଉପରେ ଠିକଣା କଣ ଲେଖିବ, ଆଦି ନାନା କଥା ଏଲିସ୍ ଭାବି ଯାଉଚି, ଏତିକିବେଳେ ତା ମୁଣ୍ଡ ଯିମିତି ଛାତ ଦେହରେ ଖଡ଼ାଙ୍ଗ କରି ବାଜିଛି, ତାର ଭାବନା ସବୁ ଦପ୍ କରି ବନ୍ଦ ହୋଇଗଲା। ଏଲିସ୍ ଏତେବେଳକୁ ଛ ହାତ ଉଚ୍ଚ ହୋଇଗଲାଣି; ଦେଖିଲା ଆଉ ଡେରି କଲେ ବିପଦ; ସେଇଠୁ ଧଡ଼ପଡ଼ ହୋଇ ଟେବୁଲ ଉପରୁ ଚାବିଟା ଉଠେଇ ନେଇ ବଗିଚା ଫାଟକ ପାଖକୁ ଧାଇଁଲା ଦରଜା ଖୋଲିବାକୁ। କିନ୍ତୁ ଦରଜା ଖୋଲିବ ବା



www.jataayu.org

ଜଟାୟୁ

ଅନୁବାଦ

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

କେମିତି? ସେ ଏତେ ଡେଙ୍ଗା ହୋଇ ଯାଇଛି ଯେ, ଦରଜାକୁ ଆଉ ହାତ ନ ପାଏ। ଏଲିସ୍ ସେଇଠୁ କରମାଡ଼ି ଶୋଇ ପଡ଼ି କଷ୍ଟେମଷ୍ଟେ ଗୋଟିଏ ଆଖିରେ ଜଳା ବାଟେ ବଗିଚାକୁ ଅନେଇଲା। କିନ୍ତୁ ସେ ସରୁ ଜଳା ବାଟେ ଗଳିବା ତ ଆଉ ସମ୍ଭବ ନୁହେଁ। ଏଲିସ୍ ଆଉ କଣ କରେ । କିଛି ଉପାୟ ନ ପାଇ ବସିପଡ଼ି କାନ୍ଦିଲା ଭୋ ଭୋ।  ଏଲିସ୍ ଏକଲା ବସି ସେମିତି କାନ୍ଦୁଛି। କେତେବେଳ ହେଲା କାନ୍ଦିଲାଣି; ହଠାତ୍ ତାର ମନେପଡ଼ିଲା, ସେ ଏଡ଼େ ବଡ଼ ମାଇକିନା ଝିଅଟାଏ ହେଇ କାନ୍ଦୁଛି କଣ, କି ଲାଜ କଥା! କିନ୍ତୁ ନ କାନ୍ଦିବା ପାଇଁ ନିଜକୁ ଯେତେ ବୋଧ ଶୋଧ କଲା, କାନ୍ଦ ତ ମୋଟେ  ରହିଲା ନାହିଁ।ତା ଆଖିରୁ ଲୁହ ଝର ଝର ବୋହି ପଡୁଥାଏ,କେତେ ଯେ ଲୁହ ଇମିତି ବୋହି ବୋହି ଗଲା ତାର କିଛି ଠିକଣା ନାହିଁ, ମାଠିଆ ଲୁହା ଲୁହ ବୋହି ସେ ଘର ଅଧେ ପୂରିଗଲା। ଏଲିସ୍‌ର ଚାରି କରଯାକ ଚାଖଣ୍ଡେ ବହଳର ଲୁହଗାଡ଼ିଆ।

ଏଲିସ୍ ବସି ସେମିତି କାନ୍ଦୁଚି। ଏହି ସମୟରେ ଦୁଆରରେ ଶୁଣାଗଲା କିଏ ପାଣିରେ ଗୋଡ଼ ଚବର ଚବର କରି ଆସିଲା ଭଳି। ଏଲିସ୍ ତରବର ହୋଇ ଆଖିରୁ ଲୁହପୋଛି ପକେଇଲା, କିଏ ଆସିଛି ଦେଖିବ ବୋଲି। ଦେଖିଲା ବେଳକୁ ଫଟ୍‌ଫାଟ୍ ବାବୁସେହି ଧୋବ ଠେକୁଆ ମହୋଦୟ ଫେରୁଛନ୍ତି। ପୋଷାକ ପିନ୍ଧିଛନ୍ତି ଯେ ଚକ୍‌ଚାକ୍ କାହିଁରେ କେତେ। ତାର ଗୋଟାଏ ହାତରେ ସେ ଧରିଚି ଦାମିକା ହାତମୋଜା ହଳେ, ଆଉ ହାତରେ ପ୍ରକାଣ୍ଡ ଏକ ପଙ୍ଖା। ବଡ଼ ତରବର ହୋଇ ବାବୁ ମସ୍ ମସ୍ ମାଡ଼ି ଆସୁଛନ୍ତ,ମନକୁ ମନ ଭଟ୍ ଭଟ୍ ହେଉଛନ୍ତି" ଉଃ, ରାଣୀ! ମୁଁ ତାଙ୍କୁ ଏତେବେଳ ଯାଏଁ ଅଟକାଇ ରଖିଦେଲି, ସେଥିରେ ସେ ବା ଚଟି ନ ଯାନ୍ତେ କିଭଳି! ମୋରତ ଆଗ କାଇଲି ହୋଇଚି। କହିବି କାହାକୁ? ଉଃ।"

ଏଲିସ୍ ଏତେବେଳକୁ ବଡ଼ ହତାଶ ହୋଇପଡ଼ିଥାଏ।ଠେକୁଆକୁ ଦେଖି ଟିକିଏ ଆଶ୍ବସ୍ତ ହୋଇ ଭାବିଲା, ଏହାକୁ କହିଲେ ଏଠୁ ବାହାର ହେବାର କାଳେ କିଛି ଗୋଟାଏ ଉପାୟ କରାଯାଇପାରେ । ତେଣୁ ଅତି ନମ୍ର ହୋଇ କୋମଳ ସ୍ବରରେ ଆରମ୍ଭ କଲା, "ମହାଶୟ, ଦୟାକରି ଟିକିଏ ଶୁଣିବେ କି..."। ଏଲିସ୍ ଆଉ କଣ କହିଥାନ୍ତା; ତା'ପାଟି ଶୁଣି ଠେକୁଆ ତରକି ଇମିତି ଗୋଟାଏ ଡିଆଁ ମାରିଲା ଯେ ଏକଦମ୍ ଦେ ଭାଗିସ୍, ଆଉ ସେଠି ନାହିଁ, ଖାଲି ତା ହାତର ସେହି ମୋଜା ଆଉ ପଙ୍ଖା  ପଡ଼ିଚି ସେଠି।

ଏଲିସ୍ ମୋଜା ଆଉ ପଙ୍ଖା ତଳୁ ଉଠାଇନେଲା। ଭାରି ଗରମ ହେଉଥାଏ। ଏଲିସ୍ ସେଇଠୁ ପଙ୍ଖାରେ ବିଞ୍ଚି ହେଲା ବହେ। ବିଞ୍ଚି ହେଉଥାଏ, ଭାବୁଥାଏ,ବାଃ ଏ ଅଜବ ଦେଶରେ ଦେଖୁଚି ତ ସବୁକଥା ଅଦ୍ଭୁତ।  କାଲି ତ ସବୁ ଠିକ୍ ଥିଲା। ରାତିକା ରାତି ମୁଁ କଣ ଆଉ ବଦଳିଗଲି କି? ଭାବି କରି ଦେଖେଁ। ଆଚ୍ଛା, ମୁଁ ଯାହା ସବୁ ଜାଣିଥିଲି ସେ ସବୁ ମୋର ହେଜ ଅଛି କି ନାହିଁ ପରଖ କରିବା ଆଗ। ହଁ,ପାଞ୍ଚର ଚାରିଗୁଣା କେତେ? –କେତେ? –ମଲା; ମଲା; ଇମିତି ଗୋଟିଏ ଗୋଟିଏ ହିସାବ କଲେ ତ ମୁଁ କୋଡ଼ିଏ ପାଖ ପହଞ୍ଚି ପାରିବିନାହିଁ। ଛାଡ଼;ପଣିକିଆରୁ କିଛି ଜଣାପଡ଼ିବନାହିଁ, ଭୂଗୋଳ ପରୀକ୍ଷା କରିବା। ଲଣ୍ଡନ ହେଉଛି ପାରିସ୍‌ର ରାଜଧାନୀ। ପାରିସ୍ ହେଲା ରୋମର ରାଜଧାନୀ। ରୋମ୍ ହେଲା- ନାଇଁ,ନାଇଁ,ମଲା ମୋର, ସବୁ ତ ଭୁଲ୍ ହେଇଗଲା ଯାଃ।

www.jatayu.org

*ଅନୁବାଦ*

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ସେ ଏଇଭଳିଆ ଏଣ୍ତେଣ୍ତୁ ଭାବୁଚି, ଏଇ ସମୟରେ ତା ହାତକୁ ଅନେଇ ଦେଲା ବେଳକୁ ସେ ଦେଖିଲା ଯେ ୟାର ଭିତରେ ଅଜାଣତରେ ସେ କେତେବେଳେ ଠେକୁଆର ହାତମୋଜା ଗୋଟିଏ ହାତରେ ପିନ୍ଧି ଦେଇଛି। ୟା ଦେଖି ଏଲିସ୍ ଅବାକ୍ ହେଇଗଲା, 'ଭଲା, ୟା କିମିତି ହେଲା? ମୁଁ କେଡ଼େ, ଠେକୁଆ କେଡ଼େ ଟିକେ। ତା ହାତମୋଜା ମୋ ହାତକୁ କିମିତି ହେଲା। ବୋଧହୁଏ ମୁଁ ପୁଣି ଛୋଟ ହେଇଯାଉଛି। ଛିଡୁଚି  କି କଣ ସେ ଟେବୁଲ୍ ପାଖକୁ ଗଲା,  ସେଠି ମାପି ଦେଖିଲା ବେଳକୁ ତା ଉଚ୍ଚାହେଉଚି ଦେଢ଼ ହାତ। ତା ଉପରେ ପୁଣି ବେଳକୁ ବେଳ ସେ ଘୁ ଘୁ  ଛିଡ଼ିଯାଉଚି। କାହିଁକି ଇମିତି ଛିଡ଼ି ଯାଉଚି, ଦେଖି, ଦେଖି, ଏଲିସ୍ ବୁଝିଲା ତା ହାତରେ ସେ ଯୋଉ ପଙ୍ଖାଟା ଧରିଚି, ତାରି ପବନ ବାଜିଲାରୁ। ଭାଗ୍ୟେ ସେ ଭୁଷ୍‌କିନା ସେ ପଙ୍ଖାଟାକୁ ତଳେ ଫୋପାଡ଼ି ଦେଲା; ନୋଇଲେ ଆଉ ଟିକିଏ ଡେରି ହେଇ ଯାଇଥିଲେ ସେ ତ ବିଲ୍‌କୁଲ୍ ଛିଡ଼ି ଯାଇଥାନ୍ତା ଯେ  ଏକଦମ୍ ଅଦୃଶ୍ୟ ହୋଇ ଯାଇଥାନ୍ତା।

ଏଲିସ୍‌ର ଛାତିଟା ଧଡ଼ପଡ଼ ପଡ଼ିଲା। "ଭାଗ୍ୟେ ବର୍ତ୍ତିଗଲି। ଦଣ୍ଡେ ଯାଇଥିଲେ ତ ସରିଥିଲି।" ଏଲିସ୍ ଆଉ କୋଉଥିକି ସତାର ନ କରି ଧାଇଁଲା ବଗିଚା ଆଡ଼େ। ଜଳା ଦୁଆରେ ପହଞ୍ଚି ଦେଖେ ତ ଫାଟକ ବନ୍ଦ। ସୁନା କାଠିଟା  କାଠ ଟେବୁଲ ଉପରେ ଥୁଆ ହେଇଚି। ଏଲିସ୍‌ର ହାତ ନ ପାଏ। କଣ କରିବ? " ଏ ତ ମୁସ୍କିଲ କଥା ହେଲା! ଭଲା ଆଗରୁତ ମୁଁ କେବେ ଏଡେ ଟିକିଟିଏ ନଥିଲି, ନା, କେବେ ତ ନୁହେ! ମୁସ୍କିଲ ହେଲା, ମୁସ୍କିଲ।"

ଯା କହୁଚି ସରସର କରି ଏଲିସ୍‌ର ଗୋଡ଼ ଖସିଗଲା ଯେ ଦୁଲ୍ କରି ପାଣିରେ କଚାଡ଼ି ପଡ଼ି ବୁଡ଼ିଗଲା ବେଳକୁ ଦେଖିଲା ସେ ଯେତେ କାନ୍ଦିଥିଲା ସବୁଯାକ ଲୁହ ଜମି ଛ' ହାତ ଗହିଡ଼ା ଗୋଟାଏ ଗାଡ଼ିଆ ହେଇ ଯାଇଛି। ଏଲିସ୍ ଲୁହ ଗାଡ଼ିଆରେ ପଡ଼ି ଏପଟ ସେପଟ ହାତ ଗୋଡ଼ ବାଡ଼େଇ ଦମେ ପହଁରିଲା। "ଭଲା, ମୁଁ କାହିଁକି ଏତେ କାନ୍ଦିଲି! ଦୋଷ ତ କରିଚି, ଏବେ ମୁଁ ଦଣ୍ଡ ପାଇବି ନାହିଁ ତ ପାଇବ କିଏ? ଦଣ୍ଡ ହବ ଆଉ କିଛି ନାହିଁ, ଏହି ଆପଣା ଲୁହରେ ଆପେ ବୁଡ଼ି ମରିବି। ଅଜବ କଥା ଏ ଗୋଟାଏ ହେବ। " ଏଲିସ୍ ଇମିତି ଭାବୁଚି ତାକୁ ଶୁଭିଲା ଗାଡ଼ିଆ ଭିତରେ ତା ଠୁ ଟିକିଏ ଦୂରରେ ଛିଡ଼ାହୋଇ କଣ ଗୋଟାଏ ଚବର ଚବର ହଉଚି। ଏଲିସ୍ ପହଁରି ପହଁରି ସେଇଆଡ଼େ ଗଲା, ଦେଖିବ କଣଟାଏ ଇମିତି ହଉଚି। ପାଖକୁ ଯାଇ ଦେଖେ, ଗୋଟାଏ ମୂଷା ସେ ପାଣିରେ ପଡ଼ିଯାଇଛି।

ମୂଷିକ  ମହାଶୟଙ୍କୁ ଦେଖି ଏଲିସ୍ ଭାବିଲା, ଏହାକୁ ପଚାରିଲେ ହୁଏତ ଏଠୁ ବାହାର ହେବାର କୌଣସି ଗୋଟାଏ ଉପାୟ ମିଳିଯାଇପାରେ । ଏଠି ଯେତେବେଳେ ସବୁ କଥା ଅଦ୍ଭୁତ, ମୂଷାର ବି କଥାବାର୍ତ୍ତା କରିବାର ଶକ୍ତି ଥାଇପାରେ। ପଚାରି ବୁଝିଲେ କ୍ଷତି ବା କଣ? ମୂଷାକୁ ଡାକି ଏଲିସ୍ କହିଲା, "ଏ ମୂଷାଭାଇ, ଏ ପୋଖରୀରୁ ବାହାରିବାର ଉପାୟ କଣ

www.jatayu.org

*ଅନୁବାଦ*

# ଅଜବ ଦେଶରେ ଏଲିସ୍

*କବି ରଘୁନାଥ ଦାସ*

ଅଛି ଜାଣିଚ ଯେବେ ମୋତେ କହ, ମୁଁ ପହଁରି ପହଁରି ନ୍ୟାନ୍ତ ହୋଇଗଲିଣି।" ମୂଷା ଏଲିସ୍ ଆଡ଼କୁ ଖାଲି ଅନେଇ ରହିଲା ଗୋଟିଏ ଟିକି ଆଖିରେ ମିଟ୍ ମିଟ୍ କରି , କିନ୍ତୁ କିଛି କହିଲାନାହିଁ, ପଦେ ବୋଲି। ଏ ହାଲ ଦେଖି ଏଲିସ୍ ଭାବିଲା ମୂଷାଟା ବୋଧହୁଏ ଓଡ଼ିଆ ବୁଝିପାରୁନାହିଁ। ଏଇଟା ନିଶ୍ଚୟ ପଶ୍ଚିମା ମୂଷା। ଏଲିସ୍ ଥରେ ମହା ମୁସ୍କିଲରେ ପଡ଼ିଲା। ତାକୁ ହିନ୍ଦି ଆସେନାହିଁ। ହିନ୍ଦି ଭାଷା ପଢ଼ିବାକୁ ସେ ଏବେ ଆରମ୍ଭ କରିଚି। ପ୍ରଥମ ଭାଗ ଯାଏଁ ତାର ଦୌଡ଼। ଯାହାହେଉ; ହିନ୍ଦି ଶିକ୍ଷା ବହିର ପ୍ରଥମ ଭାଗର ପ୍ରଥମ ପ୍ରଥମ ପୃଷ୍ଠାରୁ ପ୍ରଥମ ଧାଡ଼ି ଏଲିସ୍‌ର ମନେଥିଲା, ସେ ତାକୁ ହିଁ କହି ପକେଇଲା, "ଯାହାଁ ଦିଲ୍ଲୀ କହାଁ ହୈ?"

ଏ କଥାଟା ମୂଷା କାନରେ ଯିମିତି ପଡ଼ିଚି, ମୂଷା ଖପ୍ କରି ଡେଇଁପଡ଼ିଲା ଦଶହାତ ଦୂରକୁ; ଭୟରେ ତାଦେହ ଠକ୍ ଠକ୍ ଥରିଲା ଗୋଟାପଣେ। ଏଲିସ୍‌ଯେ ବୃଥାରେ ମନୁଷ୍ୟକୁ ଡରାଇଦେଲା, ସେଥିଲାଗି ସେ ବଡ଼ ଦୁଃଖିତ ହୋଇ କହିଲା, " ମୂଷାଭାଇ, ମୋର ଦୋଷ ମାଫ୍ କରିବ। ମୁଁ ବିଲ୍‌କୁଲ୍ ଭୁଲି ଯାଇଥିଲି, ତମର ବିଲେଇ ସାଙ୍ଗେ ଅପଡ଼।" ମୂଷା କିନ୍ତୁ ଏଲିସ୍‌ର କଥା ଏଥର ସମଝି ପାରି ସରୁ ସ୍ବରରେ ଦରଦ ଦେଇ କହିଲା, "ଆଚ୍ଛା, ମୋରି ଭଳି ତମେ ଯେବେ ହୋଇଥାନ୍ତ, କହ ତ ଭଲା , ତମର ବିଲେଇ ସହ ଅପଡ଼ ହୋଇଥାନ୍ତା କି ନାହିଁ?"

"ନା, ଅପଡ଼ ତ ନିଶ୍ଚେ ହୋଇଥାନ୍ତା; ତେବେ ମୁଁ ଭାବୁଚି ପୁଷି ଅଛି ତାକୁ ତମେ ଭାରି ଭଲ ପାଉଥାଆନ୍ତ। ପୁଷିଟି ମୋର ଭାରି ଭଲ ବିଲେଇ।..."ଏଲିସ୍ ପୁଣି ସେହି ବିଲେଇ କଥା କହି ଚାଲିଲା। ମୂଷା ବେଳକୁ ବେଳ ବେଶି ଡରି ଏଲିସ୍‌ଠୁଁ ଦୂରକୁ ଦୂରକୁ ପହଁରି ପଳେଇବାକୁ ବସିଲା। ଏଲିସ୍ ସେଇଠୁ କୋମଳ ସ୍ବରରେ ମୂଷାକୁ ଡାକିଲା, "ମୂଷାଭାଇ, ଡରିଲ କି? ନାଇଁ, ଆଉ ଏଣିକି ମୁଁ ବିଲେଇ କଥା ପାଟିରେ ଧରିବି ନାହିଁ। ତମେ ମୋ ପାଖକୁ ଆସ।" ଏଲିସ୍‌ଠୁ ଅଭୟପାଇ ମୂଷା ତା ପାଖକୁ ଫେରିଲା। ଏତେବେଳକୁ ଗାଡ଼ିଆରେ ଆଉ କେତେ ପଶୁ-ପକ୍ଷୀ ପଡ଼ି ଗାଡ଼ିଆପାଣିକୁ ଛାଇଦେଲେଣି। ଏଲିସ୍ ପହଁରି ପହଁରି ତା ହାତ ଗୋଡ଼ ରହିଗଲାଣି। ମୂଷା ଛାନିଆ ହୋଇ ଠକ୍ ଠକ୍ ଥରୁଛି। ମୂଷା ସେଇଠୁ ଏଲିସ୍‌କୁ କହିଲା, "ଆସ, ଆମେ କୂଳକୁ ଯିବା। ସେଠି ବସି ଆମେ ଦୁଃଖ-ସୁଖ ହେବା। ପହଁରି ପହଁରି ଆମେ କ୍ଳାନ୍ତ ହୋଇ ପଡ଼ିଲେଣି।"

ତା' ପରେ ମୂଷାଟା ସାଙ୍ଗେ ପହଁରି ପହଁରି ଘରର ଯୋଉ ଆଡ଼ଟା ଶୁଖିଲା ଥିଲା ଏଲିସ୍ ସେଇଆଡ଼େ ପହଞ୍ଚିଲା। ସାଙ୍ଗରେ ବହୁତ ପଶୁପକ୍ଷୀ ବି ସିମିତି ପହଁରି ପହଁରି ଆସି ସେଠି ଜମାହେଲେ। ପ୍ରତ୍ୟେକଙ୍କ ଦେହର ପର ଓ ରୁମ ଓଦା ଜୁଡୁବୁଡୁ । ତାଙ୍କର ଓଦା ପର, ପକ୍ଷରୁ ପାଣି ଟପ୍ ଟପ୍ ବୋହିଯାଉଚି, ରୁମ ସବୁ ଦେହରେ ଲାଗିଯାଇଚି-କି ଅଦ୍ଭୁତ ଦିଶୁଛନ୍ତି ସେ ପଶୁ-ପକ୍ଷୀ ସବୁ।

ଓଦା ହୋଇ ଯାଇଥିବା ପଶୁପକ୍ଷୀମାନଙ୍କର ବୁଦ୍ଧିଶୁଦ୍ଧି ଯେ ଲୋପ ପାଇ ଯାଇଥିଲା ତାହା ଏଲିସ୍ ଖୁବ୍ ସହଜରେ ବୁଝିପାରିଲା, ସେମାନଙ୍କର ବୋକାଙ୍କ ଭଳି କଥାବାର୍ତ୍ତାରୁ। ସମସ୍ତେ ତ ଓଦା, ଭାବନା ପଡ଼ିଲା କିପରି ଦେହରୁ ପାଣି

*ଅନୁବାଦ*

# ଅଜବ ଦେଶରେ ଏଲିସ୍

*କବି ରଘୁନାଥ ଦାସ*

ଶୁଖିବ। ତାଙ୍କ ଭିତରେ ଏ ବିଷୟରେ ଆଲୋଚନା ସୁରୁ ହୋଇଗଲା। ପହିଲେ ପହିଲେ ଏଲିସ୍‌କୁ ଅଚିହ୍ନା ପଶୁମାନଙ୍କ ସାଙ୍ଗରେ କଥାବାର୍ତ୍ତା କରିବାକୁ ଅଡୁଆ ଲାଗୁଥିଲା। କିନ୍ତୁ କିଛି ବେଳ କଥାବାର୍ତ୍ତା ହେବାପରେ ଏଲିସ୍‌କୁ ବୋଧହେଲା ଯେପରି ସେମାନେ ତାର ଅତି ପୁରୁଣା ପରିଚିତ ବନ୍ଧୁ। ଆଲୋଚନା ଭାରି ସରଗରମରେ ଚାଲିଥାଏ। ମୂଷା ସେଠି ଜଣେ ପଣ୍ଡିତ। ଆଲୋଚନା ଯେତେବେଳେ ଟିକିଏ ଗଣ୍ଡଗୋଳିଆ ଧରିଲା; ମୂଷା ଉଠି ବଡ଼ପାଟି କରି କହିଲା, "ବସିପଡ଼, ସମସ୍ତେ ବସିପଡ଼। ଶୁଣ, ମୋ କଥା ଶୁଣ। ମୁଁ ତୁମର ଦେହ ଶୁଖେଇ ଦଉଚି ଏଇଲାଗେ।"

ସମସ୍ତେ ବସି ପଡ଼ିଲେ; ମୂଷା ମଝିରେ ଠିଆ ହୋଇଥାଏ; ଚାରି କରରେ ମଣ୍ଡଳୀ କରି ସମସ୍ତେ ଜମା ହୋଇଥାନ୍ତି। ମୂଷା କଥା ଶୁଣିବାକୁ ଏଲିସ୍ ବଡ଼ ଉତ୍ସୁକ ହୋଇ ଚାହିଁଥାଏ। ସେ ମନେ ମନେ କହୁଥାଏ ଦେହରୁ ମୋର ବେଗେ ପାଣି ନ ଶୁଖିଲେ ଭାରି ସର୍ଦ୍ଦି ହେବ।

ମୂଷା ଗୋଟାଏ ବଡ଼ ପଣ୍ଡିତ ଭଳିଆ ଇତିହାସର ସବୁଠୁ ନିରସ ଗଳ୍ପଗୁଡ଼ାକ ଏକ ନିଃଶ୍ବାସରେ କହିବାକୁ ଲାଗିଲା। ତାର ବିଶ୍ବାସ, ଇତିହାସ ନିରସ କଥାଗୁଡ଼ାକ ଶୁଣିଲେ ତାଙ୍କ ଦେହରୁ ପାଣି ଶୁଖିଯିବ। କିନ୍ତୁ ଏଥିରେ ବିଶେଷ କିଛି ଲାଭ ହେଲାନାହିଁ। ମୂଷାର କଥା ଶୁଣି ଶୁଣି ଏଲିସ୍ ଦେଖିଲା ଯେ ତା ଲୁଗାପଟା ମୋଟେ ଶୁଖିନାହିଁ।

ଏହି ସମୟରେ ଆଖିରେ ପରଚକ୍ଷୁ ଲଗେଇ ବଗପକ୍ଷୀ ଛିଡ଼ା ହେଇ ଏକ ପ୍ରସ୍ତାବ କଲା, "ଆସ; ଆମେ ଟିକିଏ କଉକସ୍ ଦୌଡ଼ କରିବା। ତାହାହେଲେ ନିଶ୍ଚୟ ଆମ ଦେହରୁ ପାଣି ନିଗିଡ଼ି ଶୁଖିଯିବ।"

ଏଲିସ୍ ପଚାରିଲା,"କଉକସ୍ ଦୌଡ଼ କଣ?" ବଗ ସାଙ୍ଗେ ସାଙ୍ଗେ ଉତ୍ତର ଦେଲା, "କଣ ବୋଲି ଆଉ ବୁଝେଇବି? କଉକସ୍ ଦୌଡ଼ ବୋଇଲେ କଉକସ୍ ଦୌଡ଼। ଦୌଡ଼ିଲେ ବୁଝିବ, ସେ ଜିନିଷଟା କଣ!"

ଏକଥା ଶୁଣି ସେ ସମସ୍ତେ ମିଳି ଏକ ଦୌଡ଼ା ଆରମ୍ଭ କରିଦେଲେ । ଅଜବ ଦୌଡ଼ ସେ ଏକ। ଆଇନକାନୁନ୍ କିଛି ନାହିଁ। ଯାହାର ଇଚ୍ଛା ଯେତେବେଳେ ଯେ ଦୌଡ଼ିଲା, ତାର ଯୋଉଠି ଖୁସି ସେଠି ସେ ଦୌଡ଼ ଶେଷ କଲା । କଉକସ୍ ଦୌଡ଼ ଚାଲିଚି ବଗପକ୍ଷୀ ବଡ଼ପାଟି କରି କହିଲା, ଦୌଡ଼ରେ କିଏ ଜିଣିଲା, କିଏ ଆଗ ହେଲା ବୋଲି। ବଗପକ୍ଷୀ ବହୁତ ଭାବିଚିନ୍ତି ଥୋଡ଼ାଏ ସମୟ ମୁଣ୍ଡରେ ହାତଦେଇ ବସିଲା ପରେ ଖୁବ୍ ଗମ୍ଭୀର ଭାବରେ ମୁଣ୍ଡ ହଲେଇ ଭାଷିଲା,"ସମସ୍ତେ ଜିଣିଲ, ସମସ୍ତେ ଆଗ ହେଇଛ।" ଏଲିସ୍ ମନେ ମନେ ଭାବିଲା, "ଯେ କିମିତି କଥା, ପ୍ରତିଯୋଗିତାରେ ସମସ୍ତେ କିମିତି ଆଗ ହେବେ?" ଯାହାହେଉ, ବଗପକ୍ଷୀର ସିଦ୍ଧାନ୍ତ ଅନ୍ୟ ପଶୁପକ୍ଷୀମାନ ଯେତେବେଳେ ମାନିନେଲେ, ସେତେବେଳେ ଏଲିସ୍ ମଧ୍ୟ ତା ଠିକ୍ ବୋଲି ସ୍ବୀକାର କଲା।

www.jatayu.org

Powered by Tekons

*ଅନୁବାଦ*

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ଏତେ ଦୌଡ଼ାଦୌଡ଼ି କରି ମଧ ସେହି ସବୁ ପଶୁପକ୍ଷୀଙ୍କର ଦେହରୁ ପାଣି ଶୁଖିଲା ନାହିଁ। କଣ ହବ? ଇମିତି ଘଡ଼ିଏ ବସି ବିଚାର କରୁ କରୁ ଯାହା ହଉ ଦେହରୁ ପାଣି ମରିଗଲା।

ପ୍ରତିଯୋଗିତା ତ ସଇଲା। ଏଥର କଥା ଉଠିଲା "ସୁନାପାଗ" କିଏ ନେବ। ମହା ଏକ ସମସ୍ୟା ୟେ। ସମସ୍ତେ ତ ଆଗ ହେଇଛନ୍ତି, ସମସ୍ତେ ସୁନାପାଗ ପାଇବେ। କମ୍ କଥା ନୁହେଁ। ଏତେ ସୁନାପାଗ ଆସିବ କାହୁଁ? ବଗ କହୁଥିଲା ସମସ୍ତେ ଆଗ ହେଇଚ, ସମସ୍ତେ ଦୁନାପାଗ ପାଇବ। ପଶୁପକ୍ଷୀସବୁ ତାକୁ ପଚାରିଲେ, "କିଏ ଦବ ?" ବଗ ଏଲିସ୍ ଆଡ଼କୁ ଆଙ୍ଗୁଠି ଦେଖେଇ କହିଲା, "ସେଇ ଦବ।" ଏଲିସ୍ ଏବେ କରେ କଣ? ହତ ବୁଦ୍ଧି ହୋଇ ଏଲିସ୍ ତା ଜାମା ପାକିଟରେ ହାତ ଭରତି କରିଦେଲା ବେଳକୁ ଭାଗ୍ୟେକୁ ପାକିଟିରେ କେତୋଟି ମିଠେଇ ଥିଲା। ମିଠେଇ ଗୁଡ଼ାକ ଯାହା ହେଉ ଲୁଣା ପାଣିରେ ମିଳେଇ ଯାଇନଥିଲା। ଏଲିସ୍ ସମସ୍ତଙ୍କୁ ଡାକି କହିଲା, "ଆସ, ସମସ୍ତେ ତ ଆଗ ହେଇଚ। ସମସ୍ତେ ଭାଗ କରି ଏହିସବୁ ମିଠେଇ ବାଣ୍ଟି ନେବା" ମିଠେଇ ବାଣ୍ଟିଲା ବେଳକୁ ଠିକ୍ ଯେତେ କଣ, ସେତିକିଟି ମିଠେଇ ସମସ୍ତେ ଗୋଟିଏ ଗୋଟିଏ ପାଇ ମହାଖୁସିରେ ପାଟିକି ଟକାଟାକ୍ ପକାଇ ଦେଇ ପାଟି ପାକୁପାକୁ କଲେ।

ମହାମଉଜ କରି ଏମାନେ ଯେତେବେଳେ ଖାଇବାରେ ବ୍ୟସ୍ତ, ଏଲିସ୍‌ର ନଜର ପଡ଼ିଗଲା, ସେଇ ଧୋବ ଫରଫର ଠେକୁଆ ସାହେବ ଏପାଖ ସେପାଖ ମୁହଁ ବୁଲେଇ, ଇଆଡ଼େ ସିଆଡ଼େ ଚାହିଁ ଚାହିଁ ତାଙ୍କ ଆଡ଼କୁ ଗୋଟିଏ ଗୋଟିଏ ପାଦ ପକେଇ ଆସୁଛନ୍ତି। କିଛି ହଜେଇଛନ୍ତି ବୋଧହୁଏ, ଭାରି ବ୍ୟସ୍ତରେ ଖୋଜୁଛନ୍ତି। ତାଙ୍କୁ ଦେଖିଲାକ୍ଷଣି ବୁଝାଯିବ, ସେ ମହାଚିନ୍ତାରେ ପଡ଼ିଛନ୍ତି। ମନକୁ ମନ ଭଟ୍‌ଭଟ୍ ହେଇ ସେ କହୁଥିଲେ, "ମୋ କପାଳ ଫାଟିଲା! କୋଉଠି ଯେ ପକେଇଲି ମୋର ସେ ହାତମୋଜା ହଳକ ଆଉ ପଙ୍ଖାଟା ! ତାକୁ ଯେବେ ଖୋଜି ନ ପାଏଁ, ତେବେ ମହାରାଣୀ ମୋ ଉପରେ ଖପ୍‌ପା ହେବେ ଯେ। ଖପ୍‌ପା ହେଇ ମୁଣ୍ଡକାଟ ହୁକୁମ ବି ଦେଇପାରନ୍ତି-କିଏ ଜାଣେ?" ଏକଥା ଏଲିସ୍ କାନରେ ଯିମିତି ପଡ଼ିଚି, ଏଲିସ୍ ସାଙ୍ଗେ ସାଙ୍ଗେ ଜାଣିପାରିଲା, ଠେକୁଆ ଆଉ କିଛି ଖୋଜୁନାହିଁ, ଖୋଜୁଚି ସେ ଯୋଉ ପଙ୍ଖା ଆଉ ହାତମୋଜା ଫୋପାଡ଼ି ଦେଇ ଡିଆଁ ମାରି ପଳେଇଥିଲା,ତାକୁ। ଏଲିସ୍ ତ ସୁନାପିଲା, ଭାରି ଭଲ ପ୍ରକୃତି ତାର । ଠେକୁଆର ଦରବ କୋଉଠି ରହିଲା, ସେଥିପାଇଁ ଏଲିସ୍ ଖୋଜାଟାଏ ଲଗେଇଦେଲା। ଏଲିସ୍ ଯେତେ ଖୋଜେ ଆଉ ପାଏନାହିଁ। ଘର ତମାମ କିମିତି ବଦଳିଗଲା ଭଳିଆ ଜଣାଗଲା-ସେ ବଡ଼ ଘର ନାହିଁ, ସେ କାଚ ଟେବୁଲ ନାହିଁ, କି ସେ ଛୋଟ କବାଟ ନାହିଁ-ସବୁ କୁଆଡ଼େ ଉଭେଇ ଗଲାଣି ସେତେବେଳକୁ।

ଠେକୁଆ ଖୋଜୁଚି, ହଠାତ୍ ତାର ନଜର ଏଲିସ୍ ଉପରେ ପଡ଼ିଗଲା। ଏଲିସ୍‌କୁ ଦେଖି ଠେକୁଆ ବଡ଼ ପାଟି କରି ମୁରବୀ ଭଳି କହିଲା, "କିଲୋ ମେରୀ, ତୁ ଏଠି କଣ କରୁଚୁ? ଗଲୁ ଦେଖି, ଘରକୁ ଦୌଡ଼ି ଯା; ବେଗି-। ଧାଇଁ ଯାଇ ମୋ ଲାଗି ମୋଜା ହଳେ ଆଉ ପଙ୍ଖାଟିଏ ଘିନିଆ। ଯା ବେଗି।" ଠେକୁଆର ଏ ଗର୍ଜନରେ ଏଲିସ୍ ଇମିତି ଅତରଛା ହୋଇଗଲା ଯେ ଠେକୁଆ ଯୋଉଆଡ଼କୁ ହାତ ଦେଖେଇ ଦେଲା, ସେଇଆଡ଼େ ଏଲିସ୍ ଦୌଡ଼ିଗଲା। କିନ୍ତୁ ଏଲିସ୍ ଚଲାଖ,ଠେକୁଆ କଥାରୁ

ଅନୁବାଦ

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ସେ ବେଶ୍ ଠଉରେଇ ନେଲା ଯେ ଠେକୁଆ ତାକୁ ତାର ଝିଅ ବୋଲି ଭ୍ରମ କରୁଛି। ଏଥିରେ ଏଲିସ୍ ବା ରାଗନ୍ତା କାହିଁକି? ଠେକୁଆର ଏ ଭୁଲ୍ ତାକୁ ବଡ଼ ମଜାଦାର ମାଲୁମ ହେଲା, ହସବି ମାଡ଼ିଲା। ହସକୁ ଚାପି ଏଲିସ୍ ମନକୁ ମନ ଭାବିଲା, "ଆଛା, ଠେକୁଆ ବିଚାରାକୁ ତାର ମୋଜାହଳକ ଓ ପଙ୍ଖାଟି ଆଣିଦେବା। ଯେତେବେଳେ ସେ ଜାଣିବ ମୁଁ ତାର ଝିଅ ନୁହେଁ, ସେତେବେଳେ ବିଚାରା କଣ ଭାବିବ।" ଏହି କଥା ପାଞ୍ଚି ସେ ଯାଉଁ ଯାଉଁ ସାମନା ଗୋଟାଏ କବାଟ ପାଖକୁ ଗଲା, ଦେଖିଲା, କବାଟ ଫିଟା ଅଛି, ତା ଉପରେ ବଡ଼ ବଡ଼ ଅକ୍ଷରରେ ଲେଖାଅଛି, "ଧୋବ ଠେକୁଆ।"

ଏଲିସ୍ ଦୁଆରରେ କାହାକୁ ଡକା ହକା ନକରି ସିଧା ସେ ଘର ଭିତରକୁ ପଶିଗଲା। ତାର ଗୋଟାଏ ଡର ଥାଏ, ଠେକୁଆ ଝିଅ ମେରୀ ହାବୁଡ଼ରେ ଯେବେ ପଡ଼େ , ସେ କାଳେ ତାକୁ ଘରୁ ତଡ଼ିଦେବ। ମୋଜା ଆଉ ପଙ୍ଖା ଘେନି ଘରୁ ବାହାରିଆସିବ କଣ, ସେ ଏଇଟା କଣ, ସେଇଟା କଣ ଦେଖିବାକୁ ଟକ ଟକ ହେଇ ଏ ଜିନିଷ ସେ ଜିନିଷ ଟଣାଟଣି କରି ଦେଖିବାକୁ ଲାଗିଲା। ଯାହାହେଉ ଝରକା ପାଖରେ ଟେବୁଲ୍ ଉପରେ ପଙ୍ଖାଟିଏ ଆଉ ତିନି ଚାରିହଳ ଧୋବ ହାତମୋଜା ଥୁଆ ହେଉଥିଲା। ତାକୁ ଧରି ଏଲିସ୍ ଚାଲି ଆସିବ ବସିଚି, ଏଇ ସମୟରେ ତାର ନଜର ପଡ଼ିଗଲା, ଆଉ ପାଖରେ ରଙ୍ଗିନ ସୁନ୍ଦର ସରବତ୍ ଭଳିଆ କଣ ଥୁଆ ହେଉଚି ତା' ଉପରେ। ଏ ଗିଲାସ ଉପରେ ମତେ 'ପିଅ' ବୋଲି କୌଣସି ଟିକିଲି ମରାହେଇ ନଥିଲା। ତେବେ ବି ତାକୁ ଦେଖି ଏଲିସ୍‌ର ମନ ଆଉ ଥୟ ହେଲା ନାହିଁ, ଲୋଭ ସମ୍ଭାଳି ନପାରି ପିଇଦେଲା। ପିଇଦେଇ ଏଲିସ୍ ଯାଏ କୁଆଡ଼େ । ତାକୁ ଯିମିତି ସେ ଢୋକି ଦେଇଚି, ସାଙ୍ଗେ ସାଙ୍ଗେ ବଢ଼ିବାକୁ ଲାଗିଲା। ବଢ଼ିଲା ବଢ଼ିଲା ଯେ ଠେକୁଆର ଘରର ଛାତକୁ ମୁଣ୍ଡ ଲାଗିଲା। ଫେର୍ ବି ବଢ଼ିଲା, ଛାତ ଫୁଟିବ କି କଣ! ଏଲିସ୍ ସେଇଠୁ ବସିପଡ଼ିଲା; କିନ୍ତୁ ସେଥିର କଣ ହେବ? ଏଲିସ୍ ବଢ଼ି ବଢ଼ି ଘରଯାକ ମାଡ଼ିବସିଲା। ବଡ଼ ବିକଳ ହେଇ ଯିମିତି ସିମିତି ସେଇ ଘର ଭିତରେ ପଡ଼ିରହିଥାଏ। ଏଇ ସମୟରେ ଦୂରରୁ ପାଟି ଶୁଭିଲା, "ମେରୀ!ମେରୀ! ଆଣିଲୁ ମୋ ହାତ ମୋଜା।" ସ୍ବରରୁ ଏଲିସ୍ ଜାଣିପାରିଲା, ଠେକୁଆ ଡାକ ପକେଇଛି ତା ଝିଅକୁ। ଟିକିଏ ଯାଇଚି, ଦୁଆର ପାହାଚରେ କିଏ ଆସୁଥିବାର ଶବ୍ଦ ଶୁଭିଲା। ଏଲିସ୍ ଛାନିଆରେ ଗୋଟିପାଣି ଥାରିବାକୁ ଲାଗିଲା। ଥରିଲା ଯେ ତା ସାଙ୍ଗେ ସାଙ୍ଗେ ସେ ଘର ବି ଥରିଲା।

ଠେକୁଆ ଦୁଆରମୁହଁକୁ ଆସି କବାଟ ଯେତେବେଳେ ଭିତରକୁ ଠେଲେ, ଦୁଆର ଖୋଲି ନହୁଏ। ଠେକୁଆ ବୁଲିଯାଇ ଝରକା ଠେଲିଲା, ସେ ବି ଖୋଲିଲା ନାହିଁ କଥା କଣ? ଠେକୁଆର ଭାବନା ପଡ଼ିଗଲା। ଘରେ ବାହାରେ ଯେ ଯୋଉଠି ଥିଲେ ସମସ୍ତଙ୍କୁ ଡାକି ଆଣି ବୁହେ ଧୁନ୍ଦାଳି ପକାଇଲା। ନାନା ଉପାୟ କରି ଯେତେବେଳେ କବାଟ ନ ଫିଟିଲା, ଠେକୁଆ ସାଙ୍ଗକୁ ଗୋଟିଏ ଝିଟିପିଟି ମିଶି ଉଭୟ ଏଲିସ୍‌କୁ ଲକ୍ଷ୍ୟକରି ଢ଼େଲା ଛାଡ଼ିଲେ । କିନ୍ତୁ ମଜା କଥା କଣ ହେଲାକି, ଟେକା ପଥରଗୁଡ଼ାକ ଘର ଭିତରକୁ ବାଜିଲାକ୍ଷଣି ସୁନ୍ଦର ସୁନ୍ଦର ଖଜା ହେଇ ଯାଉଥାଏ। ଯା ଦେଖି ଏଲିସ୍ ଭାବିଲା, "ଆଛା ଏ ଖଜାକୁ ମୁଁ ଯେବେ ପାଟିକି ପକାଏଁ; କାଳେ ହୁଏତ ଛୋଟ ହେଇଯାବି।" ସାଙ୍ଗେ ସାଙ୍ଗେ ସେ ସେଗୁଡ଼ାକ ଗୋଟେଇ ପକେଇ ଟକ୍‌ଟାକ୍ ପାଟିକି ପକେଇଲା।

*ଅନୁବାଦ*

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ଏଇ ଖଜାଗୁଡ଼ାକ ଖାଇବା ଦ୍ବାରା ଏଲିସ୍‌ର ଭାରି ଉପକାର ହେଲା। ସେ ଏଥରର କ୍ରମଶଃ ଛୋଟ ହେବାକୁ ଲାଗିଲା। ତାପରେ ଏଲିସ୍ ଯେତେବେଳେ ଦେଖିଲା ଯେ ଦୁଆର ଦେଇ ଗଳି ଯାଇପାରିବ ଏଥର, ସିମିତି ସାଙ୍ଗେ ସାଙ୍ଗେ ଏକା ଦୌଡ଼କେ ସେ ଘରୁ ବାହାରି ପଳେଇଆସିଲା। କିନ୍ତୁ ପଦାକୁ ଯିମିତି କୁଦାଏ ମାରିବି, ସେ ଯାଇ ପଡ଼ିଲା ସେଇ ରାଗ ତମ ତମ ଠେକୁଆ, ଝିଟିପିଟି ଓ ଅନ୍ୟାନ୍ୟ ପଶୁପକ୍ଷୀଙ୍କ ମଝିରେ। ସେଠି ବହୁ ପ୍ରକାରର ପଶୁପକ୍ଷୀ ଆସି ରୁଣ୍ଡ ହେଇଥାନ୍ତି। ସମସ୍ତେ ରାଗି ଏପରି ପାଚି ଯାଇଥିଲେ ଯେ ଏଲିସ୍‌କୁ ସାମନାରେ ଦେଖିଲାକ୍ଷଣି ଉତ୍ତମ ମାଧ୍ୟମ ଭଲକରି ଗଣ୍ଡାଏ ପଞ୍ଝାଏ ଦେବା ଲାଗି ତାକୁ ତ ଗୋଡ଼େଇଲେ। ଏଲିସ୍ ପ୍ରାଣ ଭୟରେ ଛୁଟିଲା, ଉଠିପଡ଼ି, ପଡ଼ି ଉଠି। କୋଉଠି ଲୁଚିଗଲା ଯେ ସେମାନେ ଆଉ ଦେଖିପାରିଲେ ନାହିଁ। ପ୍ରାଣ ବଞ୍ଚିଗଲା ଯାହାହେଉ ,ଏଲିସ୍ ଟିକିଏ ଦମ୍ ମାଇଲା।

www.jataayu.org

## ବଣ ମଧ୍ୟରେ ଏଲିସ୍

ବଣରେ ପଶି ଏଲିସ୍ ମହାଭାବନାରେ ପଡ଼ିଲା। କିଭଳିଆ ସେ ତାର ଆଗକାର ସ୍ବାଭାବିକ ଅବସ୍ଥାକୁ ଫେରିଆସିବ, ସେହି ଭାବନାରେ ବିଚରା କାଠ ହେଇଗଲା। କାରଣ,ଠେକୁଆ ଘରେ ସେ ଯେଉଁ ଅଜବ ଖଜା ଖାଇଲା, ସେଥିରେ ତା' ଉଚ୍ଚାମୋଟେ ଟିପେ ହେବ ଥିଲା; ତାଠୁ  ତ ଆଉ ସେ ଛୋଟ ହେଇପାରିବ ନାହିଁ।

ନାନା ଉପାୟ ଚିନ୍ତାକରି କରି ଏଲିସ୍ ବଣ ଭିତରେ ଚାଲିଛି। ଶେଷରେ ଏକ ଛତୁ ଉପରେ ତାର ଆଖିପଡ଼ିଲା। ଛତୁ ଆଉ ଏଲିସ୍ ଏକା ଉଚ୍ଚା। ଏଲିସ୍ ଛତୁ ତଳ ଦେଖିଲା, ତା ଦି କଡ଼,ପଛପଟ,ଚାରିଆଡ଼ ଦେଖିଲା। ସେଇଠୁ ତାର ମନ ହେଲା, ଦେଖିବା, କଣ ତା ଉପରେ ଅଛି। ଉଙ୍କିମାରି ଛତୁ ଉପରକୁ ଦେଖିଲାବେଳକୁ ସେଠି ଅଛି ଗୋଟାଏ ନୀଳ ରଙ୍ଗର ଗୋବର ପୋକ। ଗୋବରପୋକ ଛତୁ ଉପରେ ମହା ମଉଜରେ ଗୋଡ଼ ହାତ ଲମ୍ବେଇ ଦେଇ ମୁହଁରେ ଏକ ଗୁଡ଼୍‌ଗୁଡ଼୍ ହୁକ୍‌କାର ଲମ୍ବା ନଳୀ ଲଗେଇ ବସି ଢ଼ୋଳାଉଛି।

ଏଲିସ୍ ଏହି ଗୋବରପୋକ ପାଖକୁ ପରାମର୍ଶ ପାଇଁ ଗଲା-କିମିତି ସେ ପୁଣି ବଡ଼ ହବ?ନିଶାର ଟୁଳରେ ଗୋବରପୋକଟା ପ୍ରଥମେ ଢଳଢଳ ଆଖିରେ ଥରେ ଏଲିସ୍ ଆଡ଼କୁ ଚାହିଁ ତାପରେ ନିତାନ୍ତ ତାଚ୍ଛଲ୍ୟ ଭଙ୍ଗୀରେ ପୁଣି ଆଖି ବୁଜିଦେଲା। ପୁଣି ଥରେ ଏଲିସ୍ ଯେତେବେଳେ ତାକୁ ପଚାରିଲା ସେ ତାଗରେ ଝିଁ ଝିଁ କରି ଛିଡ଼ା ହୋଇପଡ଼ି କହିଲା, "କି

Powered by Tekons

ଅନୁବାଦ

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

କଥା କହୁଛୁ? ତିନି ଇଞ୍ଚ ଡେଙ୍ଗା କି କେମିତି ହେଲା?"

ଏଲିସ୍ ବୁଝିଲା ଯେ ଏ ଗୋବର ପୋକଟା ଆପେ ତିନିଇଞ୍ଚରୁ ବେଶି ଲମ୍ବା ନୁହଁ ବୋଲି ଏପରି କଥା କହୁଚି। "କିନ୍ତୁ ତିନି ଇଞ୍ଚ ଲମ୍ବା ହେବା ତ ମୋ ପକ୍ଷରେ ସ୍ବାଭାବିକ ନୁହେଁ । ଦୟାକରି ମତେ କହି ଦିଅନ୍ତୁ ମୁଁ କିପରି ଲମ୍ବା ହୋଇପାରିବି।"

ଏଥରକ ଏଲିସ୍‌ର କଥା ଶୁଣି ଗୋବରପୋକଟା ଆଖିବି ଖୋଲିଲା ନାହିଁ, ହୁକ୍‌କାରୁ ଖୁବ୍ ଜୋର୍‌ରେ ଧୂଆଁ ଟାଣୁଥିବା ନା ସେତେବେଳେ, ସେଇଯୋଗୁ। ଗୋବରପୋକ ତା ନାକ ମୁହଁ ବାଟେ ଫସ୍ ଫସ୍ ଧୂଆଁ ଛାଡ଼ି ଛାଡ଼ି ଟିକିଏ ପରେ ବଡ଼ ଉଦାସୀନ ଭାବରେ ବିଜ୍ଞ ପଣ୍ଡିତ ପରି ଉତ୍ତର ଦେଲା, "ଶୀଘ୍ର ତୁମେ ଏତିକି ଉଚ୍ଚତାରେ ଅଭ୍ୟସ୍ତ ହୋଇଯିବ," ଏତିକି କହିଦେଇ ଗୋବରପୋକଟା ପୁଣି ତାହାର ହୁକ୍‌କା ଟାଣିବାରେ ଲାଗିଲା, ଆଖି ବୁଜି ଦେଇ ମହା ଆରାମରେ ଫସ୍‌ଫସ୍ କରି ଧୂଆଁ ଛାଡ଼ିଲା।

ବାରମ୍ବାର ପଚାରିବା ଦ୍ବାରା ଗୋବରପୋକ ସୁଖ ଦିବାନିଦ୍ରାରେ ବ୍ୟାଘାତ ଘଟାଇବାକୁ ଏଲିସ୍ ଚାହୁଁନଥିଲା। ସେଥିଲାଗି ଏଥର ଆଉ କୌଣସି ପ୍ରଶ୍ନ ନ କରି ସେ ଖାଲି ଛିଡ଼ା ହୋଇ ରହିଲା। ଏଲିସ୍ ଆଶା କରିଥାଏ,ଯେତେବେଳେ ଗୋବରପୋକ ନିଦରୁ ଉଠିବ, ସେ ଖୁସ୍ ମିଜାଜରେ ତାକୁ ଗୋଟାଏ ଉପାୟ କହିଦେଇପାରେ।

ପ୍ରାୟ ମିନିଟେ କି ଦି ମିନିଟ୍ ପରେ ଗୋବର ପୋକର ନିଦ ଭାଙ୍ଗିଲା। ମୁହଁରୁ ହୁକ୍‌କାନାଳୀଟା ବାହାର କରି ଦୁଇ ତିନିଥର ଲମ୍ବା ହାଇ ମାରି ଅଳସ ଭାଙ୍ଗି ସେ ଡେଇଁ ବସିଲା। ତା'ପରେ ଧୀରେ ଧୀରେ ସେ ହୁକ୍‌କାଟା ହାତରେ ଧରି ଛତୁ ଉପରୁ ଓହ୍ଲାଇ ଜମିଦାରିଆ ଠାଣିରେ ଢଳି ଢଳି ଘାସ ଉପରେ ଚାଲିଲା। ଚାଲି ଯାଉ ଯାଉ ଏଲିସ୍‌କୁ କହିଗଲା, "ଏ ଛତୁର ଏକ ଦିଗରୁ ଫାଳେ ଖାଇଲେ ତୁମେ ପୁଣି ଡେଙ୍ଗା ହେବ,ଆଉ ଫାଳେ ଖାଇଲେ ବାଙ୍ଗରା ହେଇଯିବ।"ଏକଥା କହି ଗୋବରପୋକ ସେ ଥାନରୁ ଅଦୃଶ୍ୟ ହୋଇଗଲା ।

ଏଲିସ୍ ମହା ମୁସ୍କିଲରେ ପଡ଼ିଲା ଏବେ। ଛତୁ ତ ଗୋଲ, ତା'ର ପୁଣି ଏପାଖ, ସେପାଖ କଣ? ବହୁତ ଭାବି ଏଲିସ୍ ଗୋଟାଏ ଉପାୟ ପାଞ୍ଚିଲା। ଛତୁର ଏପଟରୁ ଟିକିଏ, ସେପଟରୁ ଟିକିଏ ଛିଣ୍ଡେଇ ଦିହାତରେ ତାକୁ ଅଲଗା ଅଲଗା କରି ଧଇଲା। ଟିକିଏ ଟିକିଏ କରି ଖାଇ ଏଲିସ୍ ପରୀକ୍ଷା କରି ଦେଖିବାକୁ ଲାଗିଲା ସେ କେତେବେଳେ ତାର ସ୍ବାଭାବିକ ଉଚ୍ଚତାରେ ପହଞ୍ଚୁଛି। ପହିଲେ ଡାହାଣ ହାତରେ ଥିବା ଛତୁରୁ ଯେମିତି ଟିକିଏ କାମୁଡ଼ି ଦେଇଛି, ତା ଥୋଡ଼ିଟା ଧଡ୍ କରି ତା ପାଦରେ ବାଡ଼େଇ ହେଇଗଲା। ଦେଖିଲା ବେଳକୁ ସେ ମାଟି ସାଙ୍ଗରେ ମିଶିଯିବ କି ନାହିଁ ଏମିତି। ବଡ଼ ବିକଳରେ ଚଟାପଟ୍ ସେ ଛତୁର ଆରପଟରୁ ଟିକେ ଛିଣ୍ଡେଇ ପାଟିରେ ପକେଇଦେଲା। ପକେଇ ଦେଇଛି ଯିମିତି ଫେର୍ ସେ ଛତୁ ଡେଙ୍ଗା ହେଇଗଲା। " କୁଆଡ଼େ ଗଲେ ମୋ କାନ୍ଧ ଦିଟା; କାହିଁ ଦିଶୁ ନାହାନ୍ତି ତ। ଆହା, ମୋ ହାତ ଦିଟା ରହିଲା କୋଉଠି

www.jatayu.org

Powered by Tekons

*ଅନୁବାଦ*

# ଅଜବ ଦେଶରେ ଏଲିସ୍

**କବି ରଘୁନାଥ ଦାସ**

?" ଏଲିସ୍ ମନକୁ ମନ ପଚାରିଲା। ଏଲିସ୍ ଯେତେବେଳେ ତାର ହାତ ଦିଟା ହଲାଇଲା, ଦେଖେ ତ ଦୂରରେ କାହିଁ ତଳେ ଗଛର କଅଁଳିଆ ସବୁଜ ପତ୍ରଗୁଡ଼ାକ ଦୋହଲି ଯାଉଛନ୍ତି। ଏଲିସ୍ ଦେଖିଲା, ହାତକୁ ଆଉ ମୁଣ୍ଡ ପାଖକୁ ଆଣି ହେବନାହିଁ କୌଣସି ମତେ। ଆଚ୍ଛା, ତେବେ ମୁଣ୍ଡକୁ ହାତ ପାଖକୁ ନେବା, ଏହା ଭାବି ତା ବେକକୁ ଚାରିପଟକୁ ଯେମିତି ବୁଲଇଚି,ଦେଖିଲା ସାପ ଭଳିଆ ତା ବେକ ଚାରିପଟକୁ ବୁଲିଯାଉଚି। ଏଲିସ୍ ବେକ ଭାଙ୍ଗି ତଳକୁ ନଇଁପଡ଼ି ଗଛପତ୍ର ତଳେ କୋଉଠି ତା ହାତ ରହିଗଲା ବୋଲି ପତର ଗହଳରେ ମୁହଁ ମାଡ଼ି ଦେଲା ବେଳକୁ ଗୋଟାଏ ସାଇଁ ସାଇଁ ଶବଦ ଶୁଣାଗଲା। କ'ଣଟା ବୋଲି ମୁହଁ ଟେକି ଦେଖେ ତ ପାରାଟାଏ ତା ମୁହଁରେ ପରକୁ ବାଡ଼େଇବାରେ ଲାଗିଚି।

ପାରା ଚିରଚିରେଇ ଉଠିଲା, "ସାପ! ସାପ!"

ଏଲିସ୍ ତରବରରେ କହି ପକେଇଲା, "ମୁଁ ସାପ ନୁହେଁ, ସାପ ନୁହେଁ। ଏ ମୋର ମୁହଁକୁ ତୁଚ୍ଛାରେ ବାଡ଼ୋଉଛୁ କାହିଁକି?"

"ସାପଟାଏ! ସାପଟାଏ" ପୁଣି ପାରା ପାଟିକଲା। ଏଲିସ୍ ଭଲା ତାକୁ କେମିତି ବୁଝେଇବ ସେ ସାପ ନୁହେଁ ବୋଲି। ପାରା ଏଇ ସମୟରେ କାନ୍ଦୁଣୁ ମାନ୍ଦୁଣୁ ହେଇ କହିଲା "ଯେତେ ଉପାୟ କଲି କିଛି ନା ହେଲା। କାହିଁ ନେବି ତାଙ୍କୁ କୁହହେ ଭଲା?"

ଏଲିସ୍ କଅଁଳେଇ ପଚାରିଲା, "ତୁ କୋଉ କଥା କହୁଚୁ ମୁଁ ବୁଝିପାରୁ ନାହିଁ।"

ଏଲିସ୍ କଥାକୁ ପାରା ମୋଟେ କାନ ନ ଦେଇ ଆଗ ପରି କହି ଚାଲିଲା, "ଚେରର ସନ୍ଧି ଦେଖିଲି, ହୁଡ଼ା ଦେଖିଲି, ବାଡ଼ ଦେଖିଲି କାହିଁ ଏଥିରେ ନ ହେଲା। ଏ ସାପଙ୍କୁ ଆଉ ପାରି ହେବନାହିଁ। କି ଉପାୟ କରିବି ଏଥିରେ କୁହ!"

ଏଲିସ୍‌ର ଅକଲ ଗୁଡୁମ୍ ହେଇଗଲା, ସେ ଦେଖିଲା ପାରାକୁ ବୁଝେଇବାକୁ ଚେଷ୍ଟା କରି କିଛି ଲାଭନାହିଁ, ପାରା ମନକୁ ଯାହା ଆସୁଚି ଯେ କହିସାରୁ ଆଗ, ତାପରେ ଯାହା କହିବାର ସେ କହିବ।

ପାରା କହି ଚାଲିଥାଏ, "ଅଣ୍ଡା ଉଷୁମାଇବା ତ କାଠିକର ପାଠ। ସେଥିରେ ପୁଣି ଦିନ ନାହିଁ, ରାତି ନାହିଁ ଏ ସାପଙ୍କୁ ଜଗିବ କିଏ? ତିନି ହପ୍ତା ହେଲା ଆଖି କଷା ପଡ଼ିନାହିଁ।"

ଉଃ, କଣ କରିବି ଏଥିରେ ! ମୁଁ ଦେଖି ଦେଖି ବଣ ଭିତରେ ଯୋଉଟା ବଡ଼ଗଛ, ସେହି ଗଛରେ ଆଶ୍ରା ନେଲି, ଭାବିଲି

www.jatayu.org

ଅନୁବାଦ

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ଏଇଥର ସାପଠୁ ରକ୍ଷା ପାଇବି। ଭଲା, ଗଛରେ ବସିଚି କି ନାହିଁ, ଇଏ ଏବେ ଆକାଶରୁ କୁଆଡୁ ଖସିଲେଣି। କଣ କରିବି ଏଣିକି। ଏ, ସାପ ଉଃ।

ଏଲିସ୍ ଥଙ୍ଗମଙ୍ଗ ହେଇ କହିଲା, "କହିଲି ପରା ମୁଁ ସାପ ନୁହେଁ। ମୁଁ ହଉଚି, ମୁଁ ହଉଚି-"

"ଆଚ୍ଛା, ତୁମେ ତେବେ କଣ? ମୁଁ ବେଶ୍ ବୁଝୁଚି ଯେ ଗୋଟାଏ କଣ ଫାନ୍ଦି କରି କହିବାକୁ ବସିଚ।"

ଏଲିସ୍ ଭାବିଲା ଆଗେ କଣ ବୋଲି ତାକୁ କହିବ। ଦିନକ ଭିତରେ ବଡ଼ ସାନ ହେଇ ଭଳିକି ଭଳି କେତେ ଭଳି ତ ସେ ହେଲାଣି। କଣ ବୋଲି କହିବ? ଥ' ଥ' ହେଇ ସବା ଶେଷରେ କହିଲା, "ମୁଁ ଆଉ କିଛି ନୁହଁ, ଛୋଟ ଝିଅଟିଏ।"

ପାରା ଏଲିସ୍ କଥାକୁ ତୁଚ୍ଛା ମିଛ ମଣି କହିଲା, "ପସନ୍ଦିଆ କଥାଟାଏ କହିଲ ଏକା! ମୁଁ ମୋ ଦିହାତିରେ କେତେ ଝିଅ ଦେଖିଚି, ଆଉ ଇମିତିକା ଶହେ ହାତ ଲମ୍ବର ବେକ ଥିଲା ବାଲା ଝିଅ କେବେ ବି ଦେଖିନଥିବି। ନାଇଁ, ନାଇଁ, ତମେ ସାପ, ମନା କଲେ ମୁଁ କ'ଣ ମାନିବି? ଛୋଟ ଝିଅ, ନା ତ ସତ କହିବ ସେଇଠୁ କହିବ, ତମେ କେବେହେଲେ ଅଣ୍ଡା ତୁଣ୍ଡରେ ଲଗେଇନ?"

ଏଲିସ୍ ସବୁବେଳେ ସତକଥା କହେ, ସେ କହିଲା-"ନାଇଁ, ମୁଁ ତ କହୁଚି, ମୁଁ ଅଣ୍ଡା ଖାଇଚି କେତେଥର କିନ୍ତୁ ସାପ ଯେମିତି ଖାଏ, ସେମିତି ନୁହେଁ। ଛୋଟ ଝିଅମାନେ ଯେମିତି ଖାଆନ୍ତି, ସେମିତି-ଏକଥା ତ ତମେ ଜାଣିଚ।"

"ମୁଁ କାଇଁକି ହେଲେ ସେ କଥା ଟିକିଏ ବିଶ୍ବାସ କରନ୍ତି। ଛୋଟ ଝିଅ ସବୁ ଯେବେ ଅଣ୍ଡା ଖାଉଥିବେ, ତେବେ ସେମାନେ ଗୋଟାଏ ରକମ ସାପ ହେଇଥିବେ ନିଶ୍ଚୟ!"

ଏଲିସ୍ ଏଥିକି କଣ କହିବ, ତାକୁ ବୁଦ୍ଧି ଦିଶିଲା ନାହିଁ। ସେ ତୁନି ପଡ଼ିବା ଦେଖି ପାରା କହି ଚାଲିଲା, "ମୁଁ ଭଲ କରି ଜାଣେ, ତମେ ଏଠି ଅଣ୍ଡା କୋଉଠି ଅଛି ଖୋଜୁଚ। ସେଣିକି ତମେ ଛୋଟ ଝିଅ ହେଉଥାଅ କି ସାପ ହେଇଥାଅ,ମୋର ସେଥିରେ ଯାଏ ଆସେ ନାହିଁ କିଛି।"

"ନାଇଁ, ମୁଁ ଏଠିକି ଅଣ୍ଡା ଖୋଜିବା ପାଇଁ ଆସିନାହିଁ।" ଏଲିସ୍ ପାରାକୁ ନିର୍ଭର ଜବାବ ଦେଲା।

"ଆଚ୍ଛା, ତେବେ ଏଠୁ ଚାଲିଯାଅ" କହି ପାରା ତା' ବସାରେ ଯାଇ ବସିଲା।

ଏଲିସ୍ ଗଛ ଗହଳରେ କଷ୍ଟେମଷ୍ଟେ ମୁଣ୍ଡ ମାଡ଼ିଦେଲା, ଗଛର ଡାହିସବୁ ବେକରେ ଗୁଡ଼େଇ ହେଇ ଯାଉଥାଏ ଯେ ସେଥିରୁ ମୁକୁଳି ଆସିବା ବଡ଼ କଷ୍ଟକର ବ୍ୟାପାର ହେଉଥାଏ। ଏହି ସମୟରେ ଏଲିସ୍‌ର ମନେ ପଡ଼ିଗଲା, ତା' ହାତରେ

www.jatayu.org

Powered by Tekons

ଜଟାୟୁ

ଅନୁବାଦ

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ଛତୁ ଟୁକୁରା ତ ଅଛି! ଏଥର ବଡ଼ ସାବଧାନ ହୋଇ ଏ ପଟରୁ ଟିକେ ସେପଟରୁ ଟିକେ ଛତୁ ଛିଣ୍ଡେଇ ଖାଇ ଖାଇ କେତେବେଳେ ଡେଙ୍ଗା କେବେ ବାଙ୍ଗିରୀ ହେଇ କିଛି ସମୟ ପରେ ଯାହା ହେଉ ଏଲିସ୍ ତାହାର ସ୍ବାଭାବିକ ଅବସ୍ଥାକୁ ଫେରିଆସିଲା!

ଏଥର ବଡ଼ ନିଶ୍ଚିନ୍ତ ହେଇ ଏଲିସ୍ ବଣ ମଧ୍ୟରେ ଏଣେତେଣେ ବୁଲିବାକୁ ଲାଗିଲା। ଏହିପରି ବୁଲୁଛି, କିଛିକ୍ଷଣ ପରେ ଏଲିସ୍ ଦେଖିଲା ଯେ ଆଗରେ ଗୋଟାଏ ନଅର । ନଅର ସାମନାରେ ସେ ଛିଡ଼ା ହେଇ ଭାବୁଚି କଣ କରିବ ବୋଲି, ଏଇ ସମୟରେ ଅର୍ଦ୍ଦଳି ଭଳିଆ ପୋଷାକ ପିନ୍ଧି ଜଣେ (ଦେଖିବାକୁ ଅନେକଟା ମାଛ ଭଳିଆ ) ବଣ ଭିତରରୁ କୁଆଡୁ ଧାଇଁ ଧାଇଁ ଆସି ନଅର ସିଂହଦୁଆର କବାଟରେ ଠକ୍ ଠକ୍ କଲା। ସେପଟରୁ ଆଉ ଗୋଟିଏ ଅର୍ଦ୍ଦଳି (ଚେହେରା ତାହାର ବେଙ୍ଗ ଭଳିଆ, ଗୋଲ ମୁହଁ, ଡିମା ଡିମା ଆଖି ) ଦରଜା ଖୋଲିଦେଲା। ଦିଟାଯାକ ଅର୍ଦ୍ଦଳି ମୁଣ୍ଡରେ ପାଉଁଶ ବୋଳି ହେଇଥାନ୍ତି, ଦହିଙ୍କ ମୁଣ୍ଡରେ ଜଟ। ଏ ଅଜବ ହାଲ ଦେଖି ଏଲିସ୍‌କୁ ବଡ଼ ମଜା ଲାଗିଲା, ବଣରେ ଗଛ ଆଡୁଆଳରେ ଛପିଯାଇ ତାଙ୍କ କଥାଭାଷାକୁ ଏଲିସ୍ କାନ ପାରିଲା।

ମାଛ-ଅର୍ଦ୍ଦଳି ଆଗ ତା କାଖସନ୍ଧିରୁ ଲମ୍ବା ଏକ ଚିଠି ବାହାର କଲା। ଚିଠିଟା ଏତେ ଲମ୍ବା ଯେ ଆପେ ସେଥିରେ ସେ ବୁଡ଼ି ଯାଉଥାଏ। ଚିଠିଟାକୁ ବଢ଼େଇ ଦେଇ ଅତି ଗମ୍ଭୀର ସ୍ବରରେ ସେ କହିଲା, "ସାନରାଣୀଙ୍କ ନିକଟରୁ ଫୁଟବଲ ଖେଳିବାକୁ ମହାରାଣୀଙ୍କୁ ନିମନ୍ତ୍ରଣ।"

ଏଥକୁ ବେଙ୍ଗ ଅର୍ଦ୍ଦଳି ସେହିପରି ଗମ୍ଭୀର ସ୍ବରରେ ଜବାବ ଦେଲା, ମହାରାଣୀଙ୍କ ଠାରୁ ଫୁଟବଲ୍ ଖେଳିବାକୁ ସାନରାଣୀଙ୍କ ପାଖକୁ ନିମନ୍ତ୍ରଣ।

ତାପରେ ମୁଣ୍ଡକୁ କାହିଁରେ କଣ ନୁଆଇଁ ଉଭୟ ଉଭୟଙ୍କୁ ନମସ୍କାର ହେଲେ। ଏତିକିବେଳେ ଦିହିଙ୍କର ଜଟ ଛନ୍ଦି ହେଇଗଲା। ୟା ଦେଖି ଏଲିସ୍‌କୁ ଭାରି ହସ ମାଡ଼ିଲା। ଏଲିସ୍ ଦେଖିଲା, ପାଖରେ ଥିଲେ କାଳେ ତା ହସ ତାଙ୍କ କାନରେ ବାଜିଯିବ, ଏଥିପାଇଁ କିଛିଦୂର ଜଙ୍ଗଲ ଭିତରକୁ ସେ ପଛେଇଗଲା। ଟିକିଏ ପରେ ଆସି ଦେଖିଲା ବେଳକୁ ମାଛ-ଅର୍ଦ୍ଦଳି ଚାଲି ଗଲାଣି, ଆଗ ଜଣଙ୍କ ଡିମା ଡିମା ଆଖିରେ ଭକୁଆଙ୍କ ଭଳି ଉପରକୁ ଅନେଇ ଦୁଆର ପାଖରେ ଭୂଇଁ ଉପରେ ଚକାମାଡ଼ି ବସିଯାଇଚି।

ଏଲିସ୍ ମନରେ ଭୟ ଥିଲେ ବି ସେ ଧୀରେ ଧୀରେ ସିଂହଦୁଆର ଯାଏଁ ଗଲା, ଯାଇ ଦୁଆରେ ଠକ୍ ଠକ୍ କଲା।

www.jataayu.org

ଅନୁବାଦ

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ବେଙ୍ଗ-ଅର୍ଦ୍ଦଳି ପାଟିକି ପାଙ୍କୁ ପାଙ୍କୁ କରି ଏଇ ସମୟରେ ଏଲିସ୍‌କୁ କହିଲା, "ଦୁଆର ଠକ୍ ଠକ୍ କରି କିଛି ଲାଭନାହିଁ। ତାହାର କାରଣ ଦୁଇଟି। ପ୍ରଥମରେ, ମୁଁ ଦରଜାର ଯୋଉ ପାଖରେ ଅଛି, ତମେ ବି ସେଇପାଖରେ। ଦ୍ବତୀୟତଃ, ତା ଭିତରେ ସେମାନେ ଇମିତି ପାଟିତୁଣ୍ଡ କରୁଛନ୍ତି ଯେ ତମ ଆବାଜ ମୋଟେ ତାଙ୍କ କାନରେ ବାଜିବ ନାହିଁ।"ସତକୁ ସତ ନଅର ଭିତରେ ଭାରି ଗଣ୍ଡଗୋଳ ହେଉଥାଏ, ଧଡ଼ଧାଡ୍, ଭୁଷଭାଷ୍, ଦୁମ୍‌ଦାମ।

ଏଲିସ୍ ଅର୍ଦ୍ଦଳିକି ପଚାରିଲା କିମିତି କଲେ ସେ ନଅର ଭିତରକୁ ଯାଇପାରିବ। ଏଲିସ୍ କଣ କହୁଚି ସେ କଥାକୁ ନ ଶୁଣି ଅର୍ଦ୍ଦଳି ତାର କହି ଚାଲିଥାଏ,"ଦୁଆର ଠକ୍ ଠକ୍ କରି କି ଲାଭ? ଯେବେ ଦରଜାର ଏ ପଟେ ମୁଁ,ସେ ପଟେ ତମେ; ନୋଇଲେ ସେ ପଟେ ମୁଁ; ଏପଟେ ତମେ..." ଅର୍ଦ୍ଦଳି ଏଲିସ୍ ସଙ୍ଗେ କଥାବାର୍ତ୍ତା କରୁଥିଲେ ବି ତା ଆଖି ଉପରକୁ ଥାଏ। ଏଇଟା ବଡ଼ ଅଭଦ୍ରତା ବୋଲି ଏଲିସ୍‌କୁ ବୋଧହେଲା; ପୁଣି ଏଲିସ୍ ଭାବିଲା ୟା ବି ହେଇପାରେ ସେ ସିଧା ଅନେଇ ପାରୁନାହିଁ; ତା ଆଖି ଦିଟା ମୁଣ୍ଡ ଉପରେ ଯାଇ। ଯାହାହେଉ, ସେ ତା କଥାର ଜବାବ ଦେଉଚି ତ । ଏଲିସ୍ ପୁଣି ଥରେ ବଡ଼ ପାଟିରେ ପଚାରିଲା, ମୁଁ କିମିତିକା ନଅର ଭିତରକୁ ଯିବି। ଅର୍ଦ୍ଦଳି କହିଲା, "ମୁଁ ଏଇଠି ବସି ରହିବି କହିଲି-"

ଏଇ ସମୟରେ ନଅରର ଦରଜା ଖୋଲିଗଲା, ଆଉ ସେଣୁ ନଅର ଭିତରୁ ବଡ଼ ଏକ ପିଆଲା ସରର୍ କରି ଛିଟ୍‌କି ଆସିଲା ଅର୍ଦ୍ଦଳିର ମୁଣ୍ଡ ସଳଖା, ତା ନାକରେ ଘଷି ହେଇ ସେଇଟା ଯାଇ ଗୋଟାଏ ଗଛରେ ବାଜି ଚୂନା ହେଇଗଲା।

ଏଥିରେ ଅର୍ଦ୍ଦଳି ଆଦୌ ଟିକିଏ ବୋଲି ନ ଚମକି ଆଗ ଭଳି କହି ଚାଲିଲା, ସତେ ଯେପରି କିଛି କୋଉଠି ହେଇନାହିଁ।

"-ତା ପର ଦିନ ବି ହୋଇଯାଇପାରେ ।"

ଏଲିସ୍ ଏଥର ଆହୁରି ବଡ଼ ପାଟି କରି ପଚାରିଲା, "ମୁଁ କିମିତି ନଅର ଭିତରକୁ ଯିବି କହ।" ଅର୍ଦ୍ଦଳି ତାହାର ଜବାବ ଦେଲା, "ନଅରକୁ ତମେ ଯିବ! ଏହି ହେଲା ପ୍ରଥମ କଥା।" ଏଲିସ୍ ଏତେବେଳକୁ ବଡ଼ ଅଧୈର୍ଯ୍ୟ ହୋଇପଡ଼ିଲାଣି, "ଉଃ, ଏ ଲୋକଗୁଡ଼ାକ କି ଭଳି ଯେ ଯୁକ୍ତି କରି ବସନ୍ତି, ଜଣେ ତ ୟାଙ୍କ ସାଙ୍ଗେ କଥାବାର୍ତ୍ତା କଲେ ପାଗଳ ହେଇଯିବ।"

ଏହି ସମୟରେ ଅର୍ଦ୍ଦଳି ପୁଣି ଆରମ୍ଭ କରିଦେଲା, "ମୁଁ ଏଠି ବସି ରହିବି ଆଜି,କାଲି ପଅରଦିନ, ତା ପରଦିନ, ତା ପର ଦିନ..."

"ମୁଁ କଣ କରିବି ?" ଏଲିସ୍ ବିରକ୍ତ ହେଇ ପଚାରିଲା।

"ତମ ଇଚ୍ଛା ଯାହା ହଉଚି, ତା କର।" ଅର୍ଦ୍ଦଳି ୟା ପରେ ସୁସୁରି ବଜେଇବାକୁ ଲାଗିଲା।

www.jatayu.org

ଅନୁବାଦ

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

"ଆଉ ୟାଙ୍କ ସଙ୍ଗେ କଥାଭାଷା କରି କିଛି ଲାଭନାହିଁ। ଏକଦମ୍ କୁଡ୍‌ବକ୍‌ଟାଏ।" ୟା ଭାବି ଏଲିସ୍ ଆପେ ଦରଜା ଖୋଲି ନଅର ଭିତରକୁ ପଶିଲା।

ନଅର ଦରଜାଠୁ ସିଧା ସଳଖ ରାସ୍ତା ପଡ଼ିଚି। ଏଲିସ୍ ସେ ବାଟ ଧରି ଯାଇ ହାଜର ହେଲା ନଅର ଭିତରେ, ଗୋଟାଏ ବଡ଼ ରୋଷେଇ ଘର ତା ଭିତରେ। ଘରଟା ଯାକ ଏମୁଣ୍ଡ ସେମୁଣ୍ଡ ଧୂଆଁରେ ଭର୍ତ୍ତି। ଘର ମଝିରେ ଗୋଟାଏ ତିନିଗୋଡ଼ିଆ ଟୁଲ୍ ଉପରେ ସାନରାଣୀ ବସିଛନ୍ତି, କୋଳରେ ଛୋଟ ପିଲାଟିଏ। ଚୁଲି ଜଳୁଚି, ଗୋଟାଏ ବଡ଼ କଡ଼ା ଚୁଲି ଉପରେ ବସିଛି। ରାନ୍ଧୁଣି ସେ କଡ଼ା ଉପରେ ନଇଁପଡ଼ି କଣ ଘାଣ୍ଟିବାରେ ବ୍ୟସ୍ତ।

ଏଲିସ୍ ସେ ଘର ଭିତରକୁ ଯିମିତି ପଶିଯାଇଛି ଭାରି ଛିଙ୍କ ମାଡ଼ିଲା। ସେ ମନକୁ ମନ ଭାବିଲା, "ଇଏ ଯୋଉ ତରକାରି ବସିଚି, ସେଥିରେ ଲଙ୍କା ଗୁଡ଼ାଏ ବହୁତ ଦିଆହେଉଚି ନିଶ୍ଚୟ।"

www.jatayu.org

ଲଙ୍କାର କୁହୁଳା ଗନ୍ଧ ଘରଯାକ ଭର୍ତ୍ତି। ସାନରାଣୀ ବି ମଝିରେ ମଝିରେ ଛିଙ୍କୁଥାଆନ୍ତି। ଛୁଆଟା ବି ଛିଙ୍କୁଥାଏ,ଛିଙ୍କି ସାରିଲେ କାନ୍ଦୁଥାଏ,ତା ପରେ ଫେର୍ ଛିଙ୍କୁଥାଏ...ସେମିତି ଅନବରତ। ରୋଷେଇଘର ଭିତରେ ନ ଛିଙ୍କିବାବାଲା ଖାଲି ଦିଜଣ-ରାନ୍ଧୁଣି ଆଉ ଚୁଲିକରରେ ବସିଥିବା ଗୋଟାଏ ବିଲେଇ। ବିଲେଇଟା ସେଠି ବସି ଅନବରତ ଦାନ୍ତ ନିକୁଟୁଥାଏ।

ଏଲିସ୍ ସେହି ବିଲେଇ ବିଷୟ ନେଇ ସାନରାଣୀଙ୍କ ସାଙ୍ଗରେ ଟିକିଏ କଥାଭାଷା ହେଇଚି, ଏଇ ସମୟରେ ରାନ୍ଧୁଣୀ ଚୁଲିରୁ କଡ଼ାଟା ଓହ୍ଲାଇ ଆଣି ନିଆଁ ଗୋଜଣାଠୁ ଆରମ୍ଭ କରି ଚଟୁ, ଥାଳି, କରଛୁଲୀ ଇତ୍ୟାଦି ତା ହାତରେ ଯାହା ପଡ଼ିଲା ସବୁ ସାନରାଣୀଙ୍କ ଉପରକୁ ଫୋପାଡ଼ିଲା। ସାନରାଣୀ କିନ୍ତୁ ଏଥିରେ ମୋଟେ ଚଙ୍କୁ ନଥାନ୍ତି। ଯିମିତି ବସିଥାନ୍ତି, ସିମିତି। ପିଲାଟା କିନ୍ତୁ ଭାରି କାନ୍ଦିଲା। ସାନରାଣୀ ଯେତେ ବୁଝେଇଲେ କାହିଁରେ ବୁଝିଲା ନାହିଁ। ସବା ଶେଷକୁ ଏଲିସ୍ କୋଳକୁ ସାନରାଣୀ ପିଲାଟିକୁ ଫୋପାଡ଼ିଦେଲେ। ରାନ୍ଧୁଣୀର ଏ ଫିଙ୍ଗା ଫୋପଡ଼ା ଦେଖି ଏଲିସକୁ ଭାରି ଡର ମାଡ଼ିଲାଣି ସେତେବେଳକୁ। ଏଲିସ୍ ପିଲାଟିକୁ ଧରି ପଦାକୁ ପଳେଇ ଆସିଲା। ପିଲାଟା ଏଲିସ୍ କୋଳରେ ଘାଡୁରୁ ଘାଡୁରୁ ହେଉଥାଏ। ପଳେଇ ଆସିଲା ବେଳେ ଏଲିସ୍ ମନକୁ ମନ କହି ହେଉଥାଏ "ଆଚ୍ଛା, ଏ ପିଲାଟାକୁ ନଉଚି ଯେ କଣ କରିବି ଏକୁ ନେଇ?"

ଯିମିତି ନଅର ବାହାରକୁ ଖୋଳ ବଢ଼େଇଚି, ଏଲିସ୍ କୋଳକୁ ଅନେଇ ଦିଏତ, ତା କୋଳରେ ସେ ପିଲାଟା ଗୋଟାଏ ଘୁଷୁରି ପାଲଟି ଯାଇଚି। ପିଲାଟା ଇମିତି ହଠାତ୍ ଘୁଷୁରି ହୋଇଯିବା ଦେଖି ଏଲିସ୍‌ର ରୁମ ଟାଙ୍କୁରି ଉଠିଲା, ଭୟରେ ତାର

ଅନୁବାଦ

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ଗୋଡ଼ହାତ ବରଡ଼ା ଭଳିଆ ଥରିଲା। "ମୋ ମା ଲୋ" ବୋଲି ଗୋଟାଏ ପାଟି କରି ଦେଇ ଘୁଷୁରିଟାକୁ ନାଥୁ କରି ତଳେ କଚାଡ଼ିଦେଲା। ଘୁଷୁରିଟା ଏକା କୁଦାମାରି ନସର ପସର ହୋଇ ବଣ ଭିତରେ ଯାଇ କୁଆଡ଼େ ଲୁଚିଗଲା ଯେ ଏଲିସ୍‌କୁ ଆଉ ଦିଶିଲା ନାହିଁ।

ଏଲିସ୍ ବାଟେ ବାଟେ ଗୋଟିଏ ଗୋଟିଏ ଚାଲିଲା। କିଛି ବାଟ ଯାଇଛି, ଦେଖିଲା ଗୋଟାଏ ପ୍ରକାଣ୍ଡ ଗଛର ଡାଳ ଉପରେ ସେଇ ସାନରାଣୀଙ୍କ ଘରର ବିଲେଇ ବସିଚି। ବିଲେଇ ଏଲିସ୍‌କୁ ଦେଖି ମୁହଁ ବିଚିକିଟେଇ, ଦାନ୍ତ ନିକୁଟି, ନଖ ବାହାର କରି, ଲାଞ୍ଜ ଫୁଲେଇ ଗଁ ଗଁ ଫଁ ଫଁ ହେଲା। ଏଲିସ୍ ଦେଖିଲା ଯେ ୟା ସହିତ ବିନୀତ ଭାବରେ କଅଁଳିଆ କରି କଥା ନ କହିଲେ ଆଉ ରକ୍ଷା ନାହିଁ। ବିଲେଇଟା ଇମିତି ବିକ୍ରମ ମୂର୍ତ୍ତି ଧରିଚି, କିଏ ଜାଣେ କାମୁଡ଼ି ନ ଦେବ! ସେଥିଲାଗି ଭାରି ନଇଁଲା ପରି ଏଲିସ୍ ବିଲେଇକୁ କହିଲା, "ପୁଷି ଭାଇ, ଏ ବଣରେ କୋଉ ପଟେ କିଏ କିଏ ସବୁ ରହନ୍ତି, ମତେ ଟିକେ ଭଲା କହନ୍ତ। " ବିଲେଇ ଏଲିସ୍ କଥାରେ ଭାରି ଖୁସିଟାଏ ହୋଇ ଗୋଟାଏ ଗାଲରେ ହସି ପକାଇଲା। ତାପରେ ଡାହାଣ ଥାବାଟା ଉଠେଇ ଗୋଟାଏ ଆଡ଼କୁ ଦେଖେଇ କହିଲା, " ଏପଟେ ଥାଏ ଗୋଟାଏ ଟୋପିବାଲା।" ପୁଣି ବାଁ ଥାବାଟା ଉଠେଇ ଆଉ ଗୋଟାଏ ପଟକୁ ଦେଖେଇ କହିଲା, "ଏପଟେ ଥାଏ ଗୋଟାଏ କାଲା ଶଶା, ହେଲେ ଦିଟା ଯାକ ବାଇୟା।"

ଏଲିସ୍ କହିଲା, "ମୁଁ ବାଇୟାଙ୍କ ପାଖକୁ ଯିବିନାହିଁ।"

ବିଲେଇ କହିଲା, "ନ ଯାଇକରି ଯିବ କୁଆଡ଼େ ଆମେ ବାଇୟା ଯେତେ ସମସ୍ତେ ଆସି ଏଠି ଜୁଟିଚେଁ। ମୁଁ ବାଇୟା, ତମେ ବାଇୟା।"

ଏଲିସ୍ ବିଲେଇ କଥାରେ କିନ୍ତୁ ଏକମତ ନୁହେଁ। "ତମେ କାହିଁକି କହୁଚ, ମୁଁ ବାଇୟା?"

ବିଲେଇ କହିଲା, "ତମେ ନିଶ୍ଚୟ ବାଇୟା ହେଇଥିବ, ନୋହିଲେ ତମେ ତ ଏଠିକି ଆସିନଥାନ୍ତ।"

ତାକୁ ବାଇୟା ବୋଲି କହିବାର ଇଏ ଗୋଟାଏ କାରଣ ବୋଲି ଏଲିସ୍‌ର ମୋଟେ ମନ ମାନିଲା ନାହିଁ। "ଆଚ୍ଛା, ତମେ ବାଇୟା ବୋଲି କୋଉଥିରୁ ଜାଣୁଚ ଭଲା?"

ବିଲେଇ କହିଲା, "ଆଚ୍ଛା, କୁକୁର ବାଇୟା ନୁହେଁ- ଏ କଥାତ ତମେ ଜାଣିଚ।"

ଏଲିସ୍ କହିଲା, "ମୁଁ ତ ସେୟା ଭାବେଁ।"

"ଆଚ୍ଛା, ବିଲେଇ ବୁଝେଇ ବସିଲା, ତମେ ଦେଖିଥିବା କୁକୁର ରାଗିଲେ ଗାଉଁ ଗାଉଁ ହୁଏତ ଆଉ ଖୁସି ହେଲେ ଲାଞ୍ଜ

www.jatayu.org

*ଅନୁବାଦ*

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ହଲାଏ। କିନ୍ତୁ ମୁଁ, ମୋର ଠିକ୍ ଓଲଟା। ମୁଁ ଖୁସି ହେଲେ ଗାଉଁ ଗାଉଁ ହୁଏ, ଆଉ ରାଗିଗଲେ ଲାଞ୍ଜ ହଲାଏ। ଏଥିରୁ ପ୍ରମାଣ ହେଲା ମୁଁ ବାଇୟା।"

ଏଲିସ୍ ତାର ଜବାବ ଦେଲା, "ପୁଷି ଭାଇ, ସେଇଯୋଗୁ ତ ଆମେ ତମେ ଖୁସି ହେଲାବେଳକୁ ଶବ୍ଦକୁ ଗାଉଁ ଗାଉଁ କହୁନା, ଗୁଡୁରୁ ଗୁଡୁରୁ କହୁଁ।"

"ତମେ କହିଲେ କଣ ହେଇଯିବ।" ୟା କହି ବିଲେଇ କୁଆଡ଼େ ଅଦୃଶ୍ୟ ହେଇଗଲା ଯେ ଏଲିସ୍ ଆଉ ତାକୁ ଦେଖିପାରିଲାନାହିଁ।

ଏ ବାଇୟା ମୂଲକରେ ଏଲିସ୍ କଣ କରିବ, କୁଆଡ଼େ ଯିବ ଏବେ? ବହୁତ ଭାବି ଭାବି କରି କରି ସେ କାଲା ଶଶାର ଘର ଆଡ଼େ ମୁହାଁଇଲା। ଏଲିସ୍ କିଛି ଦୂର ଯାଇଚି, ଆଗରେ ଗୋଟାଏ ଘର ଦିଶିଲା-କାଲା ଶଶାର ଘର। ତା ସାମନାରେ ଗୋଟିଏ ଗଛ ତଳେ ଖଣ୍ଡେ ଟେବୁଲ୍ ପଡ଼ିଥିଲା। ଏଇ ଟେବୁଲ୍ କଡ଼ରେ କାଲା ଶଶା ଆଉ ଟୋପିବାଲା ଦୁଇ ଜଣ ଯାକ ବସି ମହାଆନନ୍ଦରେ ଚା ଖାଉଥିଲେ। ଦୁଇଜଣଙ୍କ ମଝିରେ ଗୁଣ୍ଡୁଚି ମୂଷାଟିଏ ବସି ଢୋଳାଉଥିଲା। ତା ଏକଡ଼େ ଶଶା, ସେକଡ଼େ ଟୋପିବାଲା ବସି ନାନା ଖୁସିଗପ ପକେଇଥିଲେ। ଏ ଦୁହେଁ ଗୁଣ୍ଡୁଚିକି ମାଣ୍ଡି ଭଳି ବ୍ୟବହାର କରୁଥାନ୍ତି। କେତେବେଳେ ଶଶା, କେତେବେଳେ ଟୋପିବାଲା, ତା ଉପରେ କହୁଣି ଭାରା ଦେଇ କଥାବାର୍ତ୍ତା ଚଳେଇଥାନ୍ତି। ଗୁଣ୍ଡୁଚିର ଏ ଅବସ୍ଥା ଦେଖି ଏଲିସ୍‌ର ତା ପ୍ରତି ଭାରି ଦୟା ହେଲା, ଭାବିଲା ବିଚରାକୁ ବଡ଼ ଅଡୁଆ ଲାଗୁଥିବ, ଯାହାହେଉ ବିଚରା ଶୋଇଯାଇଛି, କିଛି ତାକୁ ମାଲୁମ୍ ପଡୁନଥିବ।

ଗଳ୍ପ ଗୁଜବ ମଝିରେ ମଝିରେ କଥା ପଡୁ ପଡୁ ଯାଇ ଲାଖେ ଗୁଣ୍ଡୁଚିମୂଷା ଉପରେ। ଶଶା ଆଉ ଟୋପିବାଲା ଚୁପ୍ ହେଇ ଯାଆନ୍ତି, ଗୁଣ୍ଡୁଚି କଣ କହୁଚି ଶୁଣିବା ଲାଗି। ଗୁଣ୍ଡୁଚିର କିନ୍ତୁ ନିଦ ନ ଭାଙ୍ଗେ, ସେମିତି ବସି ଢୋଳାଉଥାଏ। ଏଲିସ୍ ଗୋଟିଏ ଗୋଟିଏ ଯାଇ ସେଠି ପହଞ୍ଚିଲା। ଏଲିସ୍ ତାଙ୍କ ଆଡ଼କୁ ଯିବାର ଦେଖି ସେମାନେ ଚିର୍‌ଚିରେଇ ଉଠିଲେ- ପାଟି କଲେ,"ଦୂର ତ ଏଠୁ। ଏଠି କୋଉଠି ଥାନ ଅଛି ଯେ ଆସୁଚୁ।" ପ୍ରକୃତରେ ଟେବୁଲଟା ଖୁବ୍ ବଡ଼ କିନ୍ତୁ ତିନିହେଁ ଯାକ ଜାକିଜୁକି ହୋଇ ତାର ଗୋଟାଏ କଣରେ ଯାଇ ଜମା ହୋଇଥାନ୍ତି। ତାଙ୍କ କଥାରେ ଏଲିସ୍ ଚଟିଯାଇ କହିଲା, ତମର ତ ଏଡ଼େ ବଡ଼ ଟେବୁଲଟାଏ ପଡ଼ିଚି, ତାର ଗୋଟାଏ କଡ଼କୁ ବସିବାକୁ ମୋ ଲାଗି ଢେର ଜାଗା ହେବ। ଏକଥା କହି ସେ ଯାଇ ଟେବୁଲର ଗୋଟାଏ କଣ ମାଡ଼ି ଗୋଟାଏ ଆରାମ ଚଉକିରେ ବସିପଡ଼ିଲା।

www.jatayu.org

*ଅନୁବାଦ*

# ଅଜବ ଦେଶରେ ଏଲିସ୍

*କବି ରଘୁନାଥ ଦାସ*

ବଣଭୁଆ ଆଗେ ଏଲିସ୍‌କୁ ଯୋଉକଥା କହିଥିଲା, ଯେ ଦିଟା ଯାକ ଦାୟୀ ବୋଲି; ସେଠି ଟିକିଏ ବସିଲା ଉତ୍ତାରୁ ଏଲିସ୍ ସେକଥା ସମଝି ପାରିଲା । କାହିଁକିନା, ପହିଲେତ, ଶଶା ଆଉ ଟୋପିବାଲା ଦିଜଣ ଯାକ ଏଣୁତେଣୁ ଗୁଡ଼ାଏ ଭଡ଼ରଭାଡ଼ର ହେଉଥାନ୍ତି, ସେ କଥାରେ ବାଗ ନାହିଁ, କି ବାଇଶ ନାହିଁ। ତାପରେ କଣ ନା, ସେ କାଲା ଶଶା ମଝିରେ ମଝିରେ ତା ଛାତି ପକେଟରୁ ଚେନବନ୍ଧା ଘଣ୍ଟାଟି ବାହାର କରି ଦେଖୁଥିଲା,ଆଉ ସେ ଘଣ୍ଟାଟା ଠିକ୍ ଚାଲୁନାହିଁ ବୋଲି ତାକୁ ଗରମ ଚା'କପ୍ ଭିତରେ ଆଉ ବୁଡେଇ ପାକିଟରେ ପୁଣି ରଖୁଥାଏ। ତାପରେ ନିଦ ଢୁଳଢୁଳ ଗୁଣ୍ଡୁଚିକୁ ସେମାନେ ବାରମ୍ବାର କହୁଥାଆନ୍ତି ଗୋଟିଏ ଗପ କହିବାକୁ । ସେ ଭଲା କି ଗପ କହିବ। ଥରକୁ ଥର ଢୋଳେଇ ସେ ନିଦରେ ଘୁଙ୍ଗୁଡି ଛାଡୁଥାଏ। ମଝିରେ ମଝିରେ ଉଠିପଡ଼ି ଏଣୁତେଣୁ କଣ ବିଳବିଳେଇ ପଦେ ଅଧେ କହି ପକାଏ, ପୁଣି ଶୋଇପଡ଼େ । ପୁଣି ଯେତେବେଳେ ଚୁମୁଟାଚୁମୁଟି କରି ତାକୁ ଉଠାନ୍ତି, ସେ ପୁରି ପଦେଅଧେ କହି ଦେଇ ଫେର୍ ଢୋଳେଇ ପଡ଼େ। ଏଥିରେ ଶଶା ଆଉ ଟୋପିବାଲା ଦି'ଜଣ ଯାକ ବଡ଼ ରାଗିଲେ।ରାଗିଯାଇ ଗୁଣ୍ଡୁଚିକୁ ଧରି ଏକ୍‌ଦମ୍ ଚା କପ୍ ଭିତରେ ପକେଇଦେବାକୁ ଯାଉଥିଲେ  ଭଲା କଥା ହେଲା ଗୁଣ୍ଡୁଚିକି। ଯାହାହେଉ, ସେ ବହୁତ କଷ୍ଟରେ ସେ ଦିଜଣଙ୍କ ହାତରୁ ବର୍ତ୍ତିଲା।

ଏଲିସ୍ ଯେତେବେଳେ ଦେଖିଲା ଯେ ଶଶା ଆଉ ଟୋପିବାଲା ଦିହିଁଙ୍କ ଦିହେଁ ବାୟା-ଯାକୁ ବଳି ସେ, ତାକୁ ବଳି ଇଏ, ସେ ପଛେଇ ପଛେଇ ଧୀରେ ଧୀରେ ସେଠୁ ଖସ୍‌ତମ୍ କଲା। ଆସୁଥିଲା ବେଳେ ଏଲିସ୍‌କୁ ଭାରି ଡର ମାଡୁଥାଏ, ଛାତି ଖାଲି ପଡୁଥାଏ, କାଳେ ସେ ଦିଟା ତାକୁ ପଛରୁ ଡାକିବେ କି ପଛରେ ଗୋଡ଼ାଇବେ। ପଛକୁ ଅନେଇ ଅନେଇ ହାଉଲେ ହାଉଲେ ସେ ଖସି ଆସିଲା ଯାହାହେଉ ତାପରେ ସେମାନେ, ଏଲିସ୍ କେତେବେଳେ ଖସି ଆସିଲା ତ ନଜର କରିନାହାନ୍ତି।

ଏଲିସ୍ ସେଠୁ ଅଳ୍ପ ବାଟ ଆସିଚି ଦେଖିଲା ଗୋଟାଏ ଗଛ ଦିହରେ କବାଟଟାଏ ଲାଗିଛି ଆଉ ଗଛ ଭିତରକୁ ପଶିବାକୁ ସେବାଟେ ବାଟ ଫିଟିଚି। ଏଲିସ୍‌କୁ ତା ଦେଖି ବଡ଼ କଉତିକିଆ ଲାଗିଲା, ସେ ସେଇଠୁ ସେ ଗଛ ଭିତରକୁ ପଶିଲା।

ଗଛ ଭିତରକୁ ପଶି ଦେଖେ, ସେ ଯାଇ ଆଗର ସେଇ ବଡ଼ ଘରେ ପହଞ୍ଚିଛି, ପାଖରେ ତାର ସେ ଟିକି କାଚ ଟେବୁଲ ଥୁଆ ହେଉଚି। ଏଲିସ୍‌ର ସେ ସୁନ୍ଦର ବଗିଚା କଥା ମନେ ପଡ଼ିଗଲା।

ବଗିଚା ଭିତରକୁ ଯିବାକୁ ଠିକ୍ କରି ଏଲିସ୍ ସୁନାକାଠିରେ ବଗିଚାଫାଟକ ଫିଟେଇବାକୁ ଗଲା। ସେ ଛୋଟ ଜଳାରେ ଗଳିପାରିବ ନାହିଁ ତ ! ତା' ପାଖରେ ପାକିଟ୍ ଭିତରେ ଛତୁଟୁକୁରା ରଖିଥାଏ; ସେଥିରୁ ଟିକିଏ ବାହାର କରି ଖାଇ ଦେଇଚି ଯିମିତି , ସିମିତି ଅତିଶୟ ସାନ ହୋଇଗଲା। ଜଳାବାଟେ ଏଥର ଗଳିଯାଇ ଏଲିସ୍ ବଗିଚା ଭିତରେ ପହଞ୍ଚିଲା। ବଗିଚାଟି କି ସୁନ୍ଦର- କେତେ ଭଳି ଫୁଲ ଫୁଟିଚି, ନାଲି,ନେଳି, ହଳଦି, ଧୋବ- କେତେ କିସମର। ଗଛରେ ଫୁଲସବୁ ଖାଲି ଲୋଟି ଯାଉଚି। ମଝିରେ ମଝିରେ ଏଠି ସେଠି ହେଇ କେତେ ଝରଣା ଅଛି, ସେଠୁ ପାଣି ପିଚ୍ ପିଚ୍ ଉପରକୁ ଉଠୁଚି। ଏଲିସ୍ ବଗିଚାର ଏଣେ ତେଣେ ବୁଲି ଦେଖିଲା।

www.jatayu.org

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

## ତାଆସ ଦେଶରେ ଏଲିସ୍

ଏଲିସ୍ ଗୋଟିଏ ଗୋଟିଏ ଯାଇ ପହଞ୍ଚିଲା ଗୋଟିଏ ସୁନ୍ଦର ବଗିଚା ଭିତରେ । ସେ ବଗିଚା ହେଉଚି ଅଜବ ଦେଶ ପାଟରାଣୀଙ୍କର। ସେ ଦେଶର ରାଜା, ରାଣୀ, ପାଇକହେରିକା ସବୁ ତାଆସର। ସେଠି ପୁଣି ଏଲିସ୍ ଦେଖିଲା ଏକ ଅଦ୍ଭୁତ କଥା।

ସେ ଦେଶର ପାଟରାଣୀ ହେଉଛନ୍ତି ହରତନ ବିବି। ହରତନ ବିବି ତାଆସ ହେଲେ କଣ ହବ ତାଙ୍କ ମିଜାଜଟା ବଡ଼ କଡ଼ା ଧରଣର ଥିଲା। ଟିକିଏ ଟିକିଏ କଥାରେ ସେ କାଳେ ରାଗି ଯାଆନ୍ତି ଇମିତିକା ଯେ ସାଙ୍ଗେ ସାଙ୍ଗେ ମୁଣ୍ଡକାଟ ହୁକୁମ ଦେଇ ଦିଅନ୍ତି।

ଏଲିସ୍ ଯେତେବେଳେ ଏହି ବଗିଚା ଭିତରକୁ ପଶିଯାଇଚି, ସେ ଦେଖିଲା ପାଟରାଣୀ ଛୋଟରାଣୀଙ୍କ ସାଙ୍ଗରେ ଖେଳରେ ମାତିଛନ୍ତି। ସେ ପୁଣି ଏକ ତାଜୁବ୍ ରକମର ଖେଳ, ସେ ଖେଳରେ ନିୟମ ବୋଲି କିଛି ନଥିଲା, ଗୋଲ୍‌ପୋଷ୍ଟ ବି ନଥିଲା, ଇମିତିକି ପେଣ୍ଡୁ ବି ନଥିଲା। ପେଣ୍ଡୁ ବଦଳରେ ଗୋଟାଏ କଣ ଗୋଲାକାର ଜନ୍ତୁକୁ ପେଣ୍ଡୁ କରି ସେମାନେ ଖେଳୁଥିଲେ। ମଜା ହେଉଚି, କେହି ପେଣ୍ଡୁରେ ନାତ ମାରୁ ନଥିଲେ , ପେଣ୍ଡୁଟା ମନକୁ ମନ ଏପଟକୁ ସେପଟ ଗଡ଼ଗଡ଼ ଗଡୁଥାଏ। ଆଉ ଏପାଖରେ ଦିଟା, ସେପାଖରେ ଦିଟା ତାଆସର ଗୋଲାମ ଛିଡ଼ା ହୋଇ ସାଜିଥାନ୍ତି ଗୋଲପୋଷ୍ଟ। ଏ ଅଦ୍ଭୁତ ଖେଳ କେତେବେଳେ ଯାଏ ଖୁବ୍ ସରଗରମ ହେଇ ଚାଲିଲା। କିନ୍ତୁ ଏ ପ୍ରକାର ଗଣ୍ଡଗୋଳିଆ ଖେଳରେ ଯା ହବାର କଥା ସେଇୟା ହେଲା। ପେଣ୍ଡୁ ଖେଳର ନିୟମ, କିଏ ହାରିଲା, କିଏ ଜିଣିଲା, କିମିତି କଣ ହବ ଏଇସବୁ ବିଷୟରେ ଦି ରାଣୀଙ୍କ ଭିତରେ ଇମିତି କଳିକଜିଆ ଲାଗିଲା ଯେ ନାହିଁ ନଥିବାର । ଶେଷକୁ ପାଟରାଣୀ ରାଗି ଯାଇ ସାନରାଣୀର ମୁଣ୍ଡକାଟ ହୁକୁମ ଦେଲେ। ସେଇଠୁ ଖେଳ ସରିଲା।

ଗୋଲାମ ସେ ରାଜ୍ୟର କେତେକ ଅଜବ ଜୀବଜନ୍ତୁ ଦେଖେଇ ସବା ଶେଷରେ ଏଲିସ୍‌କୁ ନେଇଗଲା ରାଜସଭାକୁ। ଏଲିସ୍ ସେଠି ପହଞ୍ଚି ଶୁଣେ ଯେ ହରତନ ଗୋଲାମ କାଳେ ପାଟରାଣୀଙ୍କର ମେଞ୍ଚାଏ ଆଚାର ଚୋରି କରିଚି। ତାରି ସେଦିନ ବିଚରା ତାରିଖ। ଏଲିସ୍ ଏକଥା ଶୁଣି ଭାବିଲା, ଏ ତ ବେଶ୍ ମଜାଦାର କଥା; ଆଚ୍ଛା, ଅଜବ ଦେଶର କଣ କିଭଳି ବିଚାର ହଉଚି ଟିକିଏ ବସି ଶୁଣିବା।

ଅନୁବାଦ

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ରାଜ୍ୟସଭାରେ ସେତେବେଳେ ଦେଖଣାହାରି ଲୋକ ମେଳାମେଳା ହେଉଛନ୍ତି। ରାଜ୍ୟ ଯାକର ପଶୁପକ୍ଷୀ, ନାନା ରଙ୍ଗର ତାଆସ ବି ସମସ୍ତେ ଆସି ସଭାରେ ରୁଣ୍ଡ ହେଇଛନ୍ତି। ରାଜା ଆଉ ପାଟରାଣୀ ଦିଟା ଉଚ୍ଚ ସିଂହାସନ ଭିତରେ ପାଖକୁ ଲାଗି ବସିଛନ୍ତି। ଗୋଟାଏ କଡ଼କୁ କାଠଗଡ଼ା ଉପରେ ଆସାମୀ ହରତନ ଗୋଲାମ ଶିକୁଳିରେ ବନ୍ଧା ହୋଇଥିଲା, ତା ଦି ପାଖରେ ଦିଟା ଅସ୍ତ୍ରଧାରୀ ପାଇକ  ଖାଡ଼ାପହରା ଥିଲେ। ଗୋଟିଏ ଧୋବ ଠେକୁଆ ମହାରାଜାଙ୍କ ଶ୍ରୀଛାମୁରେ ହାଜର ଥାଏ, ଗୋଟାଏ ହାତରେ ତା'ର ଗୋଟାଏ ଶିଙ୍ଘା, ଅନ୍ୟ ହାତରେ ତାଡାଏ କାଗଜ। ରାଜସଭାର ମଧ୍ୟସ୍ଥଳରେ ଗୋଟିଏ ଟେବୁଲ ଉପରେ ଥୁଆ ହୋଇଥିଲା ଚୋରାମାଲ ସେହି ଆଚାର ଶିଶିଟା। ଆଚାରକୁ ଦେଖି ଏଲିସ୍‌ର ଜିଭ ଲାଳେଇଲା। ଏହି ସମୟରେ ମହାରାଜାଙ୍କ ଆଜ୍ଞାପାଇ ଧୋବ ଠେକୁଆ ପାଟି କରି କହିଲା, "ଅଦାଲତରେ କେହି ପାଟିତୁଣ୍ଡ କରନ୍ତୁ ନାହିଁ। ସମସ୍ତେ ଚୁପ୍ ହୁଅନ୍ତୁ। ଏଇକ୍ଷଣି ବିଚାର ଆରମ୍ଭ ହେବ।"

ମହାରାଜ ସେଇଠୁ ଧୋବ ଠେକୁଆକୁ ଆଜ୍ଞା ଦେଲେ, "ବର୍ତ୍ତମାନ ତୁମର ଅଭିଯୋଗ ପଢ଼ି ଶୁଣାଅ।"

ଆଜ୍ଞା ପାଇ ଠେକୁଆ ତିନିବାର ତାହାର ଶିଙ୍ଗା ଫୁଙ୍କିଦେଲା, ତା' ପରେ ଗୋଟାଏ କାଗଜମୋଡ଼ା ଖୋଲି ହରତନ ଗୋଲାମ ବିରୋଧରେ ପାଟରାଣୀଙ୍କର ଅଭିଯୋଗ ପଢ଼ି ଶୁଣାଇଦେଲା।

ଏଥର ଚାଲିଲା ବିରାରପାଲା। ରାଜା ହୁକୁମ ଦେଲେ,"ସାକ୍ଷୀ ଡାକ।"

ଠେକୁଆ ଡାକିଲା, "ପହିଲା ନମ୍ବର ସାକ୍ଷୀ ହାଜର ହୈ?"

ପହିଲା ନମ୍ବର ସାକ୍ଷୀ ହେଉଚି ସେଇ ପାଗଲା ଟୋପିବାଲା। ଗୋଟାଏ ହାତରେ ଚା କପ୍, ଆର ହାତରେ ରୁଟି ଟୁକୁରାଏ ଧରିଚି, ଯାଇ ଅଦାଲତ ଭିତରେ ହାଜର। ଅଦାଲତ ଭିତରେ ପ୍ରବେଶ କରିବା ପରେ ସେ ଯାଇ ସମଝି ପାରିଲା ଏମିତିକା ରୁଟି ଆଉ ଚା କପ୍ ଧରି ଅଦାଲତ ଭିତରକୁ ଆସିବା ତାର ବଡ଼ ବେକୁଚି ହେଇଚି। ସେ ଯୋଗୁଁ ଦି ଚାରି ଢୋକ ବେଗେ ବେଗେ ଢୋକି ଦେଇ ମହାରାଜାଙ୍କ ଛାମୁରେ ଜଣେଇଲା, "ହଜୁର, ମୋତେ ମାଫ୍ କରିବାର ହୁକୁମ ହେଉ, ବଡ଼ ଭୁଲଟାଏ କରିପକେଇଚି, ରୁଟି ଆଉ ଚା କପ୍ ଧରି ଅଦାଲତ ଭିତରକୁ ଚାଲି ଅସିଲି, କିନ୍ତୁ ମଣିମା ବୁଝିବା ହେଲେ, ମୋର ଏଥିରେ କସୁର୍ ହେଲା କଣ? ମୁଁ ବସି ଚା ପିଉଥିଲି, ପିଉଥିଲି ତା କଥା ନାହିଁ, ବାର୍ତ୍ତା ନାହିଁ, ଆଗରୁ କୁହାବୋଲା ନାହିଁ, ସିଧାସଳଖ ମୋତେ ଧରି ଆଣିଲେ, କଣ ନା ତୁମକୁ ସାକ୍ଷୀ ଦେବାକୁ ପଡ଼ିବ, ଚାଲ। ବାଃ।"

ମହାରାଜ ବୋଧହୁଏ ତାର ଏହି ଅପରାଧ ଆଗତୁରା ମାପ କରି ଦେଇଥିଲେ। କାହିଁକି ନା, ସେ ବିଷୟରେ ସେ ଆଉ ପଦେ ଅଧେ କିଛି ହେଲେ ନାହିଁ, କିନ୍ତୁ ରାଗରେ ଲାଲ ହେଇଯାଇ ଚଢ଼ାଗଳାରେ କହିଲେ, "ହେ! ତୁ ସମ୍ମାନ କିପରି କରାଇବାକୁ ହୁଏ ତା ବି ଜାଣିନାହୁଁ। ଏଇଲାଗେ ତୋର ଟୋପି ଉତାର।"

www.jatayu.org

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ଟୋପିବାଲା ଜବାବ ଦେଲା , "ହଜୁର;, ଟୋପି ତ ମୋର ନୁହେଁ।"

ରାଜା ପଚାରିଲେ, "ତେବେ କାହାର? ଚୋରାମାଲ ବୋଧହୁଏ ।ତା ହେଲେ ତ ତତେ ଜେଲ୍ ଯିବାକୁ ପଡ଼ିବ। "

"ଟୋପିବାଲା କହିଲା, ନା ମଣିମା, ମୁଁ ଟୋପି ବିକ୍ରି କରେ। ଯେତେବେଳେ ଯାଏ ଟୋପିଟା ବିକ୍ରି ହେଉନାହିଁ, ସେତେବେଳେ ଯାଏ ସେଇଟା ମୋ ମୁଣ୍ଡରେ ଥାଏ।"

ରାଜା ତାପରେ ତାକୁ ପଚାରିଲେ, "ଆଚ୍ଛା, ଏଥର କହ ତ ଦେଖି, ଏହି ଚୋରି ବିଷୟରେ ତୁ କଣ ଜାଣିଛୁ?"

ମହାରାଜାଙ୍କଠୁ ଅଭୟବାଣୀ ଶୁଣି ବି ଟୋପିବାଲାର ମନକୁ ଛାଡ଼ିନଥାଏ। ବିଚାରା ତ ଏକେ ମୁଣ୍ଡପାଗଲା ଲୋକ, ସେଥିରେ ହଠାତ୍ ତାର ଆଖି ପଡ଼ିଗଲା ପାଟରାଣୀଙ୍କ ଢ଼େଗା ଢ଼େଗା ଗୋଲ ଗୋଲ ଲାଲଗୁଲାଇ ଆଖି ଉପରେ। ଟୋପିବାଲାର ବାଉଳୁଚାଉଳୁ କଥାବାର୍ତ୍ତା ଶୁଣି ପାଟରାଣୀ ରାଗରେ ପାଚିଗଲେଣି, ତାଙ୍କ ଆଖି ରକ୍ତ ଭଳିଆ ଲାଲ୍ ଟକ୍ ଟକ୍ ହେଇଗଲାଣି, ଆଉ ସେ ଆଖିରେ ପରଚକ୍ଷୁ ମଡେଇ ଟୋପିବାଲାର ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ କଟମଟ କରି ଅନାଉଛନ୍ତି। ଏ ହାଲ୍ ଦେଖି ଟୋପିବାଲା ତ ବିଲ୍‌କୁଲ୍ ଭଡ଼କିଗଲା। ଆଉ ଭଡ଼କି ଯାଇ ବାଉଳୁଚାଉଳୁ କରି ଯାହା ପାରେ ତ ବକିବାକୁ  ଲାଗିଲା। ଇମିତିକା ରୁଟିଟୁକୁରା କାମୁଡ଼ିବାକୁ ଯାଇ ଭୁଲ୍‌ରେ କପ୍ ଉପରୁ ଖଣ୍ଡେ କା'ଢୁ କରି କାମୁଡ଼ି ଦେଇ ଭାଙ୍ଗିଦେଲା। ଏଥିରେ ତା ଦାନ୍ତକୁ ବଡ଼ କାଟିଲା, କାଟିଲାରୁ ସେ 'ଉହୁ ଉହୁ 'ବୋଲି ପାଟି କରି ଉଠିଲା। ମହାରାଜା ଟୋପିବାଲାର ଏହି ପ୍ରକାର ରୀତିଗତି ଦେଖି ହୁକୁମ ଦେଲେ, " ଆଃ, ଏଇଟାକୁ ବରଖାସ୍ତ କରିଦିଅ।"

ଟୋପିବାଲା ଯିମିତି ଛାଡ଼ ଯାଇଛି, ଅଦାଲତର ତା ଛତା ଯୋତା ସବୁ ପରିଚିତ। ଯେ ମାଇଲା ଏକ ଚିଲା। ପାଟରାଣୀ କିନ୍ତୁ ଟୋପିବାଲାର କାଣ୍ଡକାରଖାନା ଦେଖି ବେଜାଏ ଚଟି ଯାଇଥିଲେ। ଟୋପିବାଲା ଦୌଡ଼ି ପଳାଉଥିବାର ଦେଖି ସେ ତାଙ୍କର ଗୋଲାମମାନଙ୍କୁ ହୁକୁମ ଦେଲେ "ତାର ମୁଣ୍ଡ କାଟିପକା ତା"କିନ୍ତୁ ଗୋଲାମ ସବୁ ଟୋପିବାଲାକୁ ଧରନ୍ତି ବା କିପରି! ଆଖି ପିଛୁଳାକେ ସେ ଯାଇ କୁଆଡ଼େ ଅଦୃଶ୍ୟ ହୋଇଗଲା ଯେ, ଆଉ ତା'ର ଟେର୍ ନାହିଁ।

ମହାରାଜ ଫେର୍ ଆଜ୍ଞା ଦେଲେ, "ଡାକ ୟା ପର ସାକ୍ଷୀକୁ।" ଉତ୍ସୁକ ହେଇ ଏଲିସ୍ ଏ ପାଖ ସେପାଖ ଅନେଇଲା,କିଏ ୟା ପର ସାକ୍ଷୀ, କୋଉଠି ଅଛି ବୋଲି । ଏହି ସମୟରେ ଠେକୁଆ ଉଠି "ଏଲିସ୍" ବୋଲି ପାଟିକରି ଡାକିଲା। ଏଲିସ୍ ନିଜ ନାଁ ଡାକରା ହେବାର ଶୁଣି ଚମକି ପଡ଼ିଲା, ଅବାକ୍ ହେଲା, ଇଏ କିମିତିକା କଥା। ମୁଁ ତ ଚୋରି ଡକାୟତି କିଛି ଦେଖିନାହିଁ, ସେ ବିଷୟରେ ମୋତେ କିଛି ଜାଣେ ନାହିଁ। ମୁଁ ବା କି ସାକ୍ଷୀ ହେବି?

www.jatayu.org

*ଅନୁବାଦ*

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ଏଲିସ୍‌ର ଅକଲ ଗୁଡୁମ୍ ହେଇଗଲା; ତରବର ହେଇ ସାକ୍ଷୀଙ୍କ କାଠଗଡ଼ା ଭିତରକୁ ପଶିଗଲା ବେଳକୁ ଏଲିସ୍‌ର ଦେହରେ ବଜି, ବିଚାରକମାନଙ୍କ ବେଞ୍ଚଟା ଓଲଟିଗଲା। ବେଞ୍ଚ ଓଲଟିଚି ଯିମିତି ବେଞ୍ଚ ଉପରେ ଯୋଉସବୁ ପଶୁପକ୍ଷୀ ବସିଥିଲେ, ସେମାନେ ସମସ୍ତେ ଭୁଷ୍‌ଭାଷ୍ ଦୁଲ୍‌ଦାଲ୍ ହୋଇ ଭୂଇଁରେ ଗଡ଼ଗଡ଼େଇଲେ। ୟା ଉପରେ ସେ ତା ଉପରେ ଯେ, ଲଟାପଟା ଝଟାପଟା ସେମାନେ।

ଅପ୍ରତିଭ ହେଇ ଏଲିସ୍ ବେଞ୍ଚ ଖଣ୍ଡକ ପୁଣି ସଜାଡ଼ିଦେଇ ସେମାନଙ୍କୁ ଗୋଟି ଗୋଟି ଉଠେଇ ଫେର୍ ବେଞ୍ଚ ଉପରେ ବସାଇଲା। ଦୁର୍ଘଟଣା ଲାଗି ଏଲିସ୍ ମହାରାଜା ଓ ବିଚାରକ ଭଦ୍ରବ୍ୟକ୍ତିମାନଙ୍କଠୁ କ୍ଷମା ମାଗିନେଲା।

ଏହାପରେ ମକଦ୍ଦମାରେ ଜମାନବନ୍ଦି ନିଆହେଲା। ରାଜା ଏଲିସ୍‌କୁ ପଚାରିଲେ, "ତୁମେ ଏ ମକଦ୍ଦମା ବିଷୟରେ କଣ ଜାଣିଚ?"

ଏଲିସ୍ ଉତ୍ତର ଦେଲା, "କିଛି ଜାଣିନାହିଁ।"

ମହାରାଜା କହିଲେ,"କିଛି ଜାଣିନାହଁ?"

ଏଲିସ୍ ଜବାବ ଦେଲା, "ନାଇଁ, ମଣିମା।"

ମହାରାଜ ବିଚାରକମାନଙ୍କ ଆଡ଼େ ଅନେଇ କହିଲେ, "ଆପଣମାନେ ଏଇ କଥାଟା ଟିପି ରଖନ୍ତୁ। ଏଇଟା ଖୁବ୍ ଦରକାରୀ କଥା। "ମାମଲାରେ ରାୟ ଦେଲାବେଳେ ଏଇ କଥାଟା ଆମକୁ ଭାରି ସାହାଯ୍ୟ କରିବ।"

ମହାରାଜଙ୍କର କଥା ଶୁଣି ଠେକୁଆ ଆଖିକି କପାଳରେ ଖୋସି ପଚାରିଲା, "ମଣିମା! ସାକ୍ଷୀର ଏ କଥାଗୁଡ଼ାକ ଦରକାରୀ କଥା, ନା ବାଜେ କଥା ?"

ରାଜା କହିଲେ, "ହଁ, ହଁ, ମୁଁ କହିଲି ବାଜେକଥା।" ତାପରେ ମହାରାଜ ଆଇନ ବହି ପଢ଼ି କହିଲେ , "ଯେଉଁମାନେ ଏକ ମାଇଲରୁ ବେଶି ଡେଙ୍ଗା ,ସେମାନେ ଅଦାଲତରେ କହିପାରିବେ ନାହିଁ।"

ଏକଥା ଶୁଣି ସମସ୍ତେ ଏଲିସ୍ ଆଡ଼କୁ ଚାହିଁଲେ। ଏଲିସ୍ ନିଜକୁ ସମର୍ଥନ କରିବା ଲାଗି ଜଲ୍‌ଦି କହିପକେଇଲା, କାଇଁ? "ମୁଁ ତ ମାଇଲିଏ ଡେଙ୍ଗା ନୁହଁ।"

ରାଜା କହିଲେ, "ତୁମେ ନିଶ୍ଚୟ ଏକମାଇଲ୍ ଉଚ୍ଚା।"

www.jataayu.org

ଅନୁବାଦ

# ଅଜବ ଦେଶରେ ଏଲିସ୍

କବି ରଘୁନାଥ ଦାସ

ରାଣୀ ରାଜାଙ୍କର କଥାରେ ତାଳ ଦେଇ ବଡ଼ ଗମ୍ଭୀର ଭାବରେ କହିଲେ, "ପ୍ରାୟ ଦୁଇ ମାଇଲ ହେବ।"

ରାଜା କହିଲେ, "ତୁମେ ତାହାହେଲେ ଏ ଅଦାଲତରୁ ବରଖାସ୍ତ ହେଲ।"

ଏଲିସ୍ କିନ୍ତୁ ଏକଥାରେ ମୋଟେ ଦବିଗଲା ନାହିଁ, ବେପରୁଆ ଭାବରେ ବଡ଼ ପାଟିକରି କହିଲା, "ଭାରି ଡରଉଚ ତମେ। ମୁଁ କଣ ତମକୁ କରିବି। ମୁଁ ଜାଣେ ଯେ ତମେ ସବୁ ହେଇ ହେଇ ମୁଠାଏ ତାଆସ, ଆଉ କଣ?" ଏକଥା ଏଲିସ୍ ଯିମିତି କହିଚି ସବୁ ତାଆସ ତକ ଫର୍ ଫର୍ ହେଇ ଏଲିସ୍‌କୁ ଦଣ୍ଡ ହେବାଲାଗି ତା ପିଠିରେ ଚଟ୍‌ଚାଟ୍ ହେଇପଡ଼ିଲେ। ଏଲିସ୍ ଦିହାତ ଘୂରେଇ ସେମାନଙ୍କୁ ଏଡ଼େଇ ଦବାରେ ଲାଗିଥାଏ।

ଏତିକି ବେଳକୁ ଏଲିସ୍‌ର ନିଦ ଭାଙ୍ଗିଗଲା। ଉଠିକରି ଦେଖେ ଯେ ସେ ତା ଅପା କୋଳରେ ମୁଣ୍ଡଟି ରଖି ଶୋଇଚି, ଶୋଇ ଏତେବେଳଯାଏଁ ଏଇସବୁ ମଜା ସପନ ଦେଖୁଥିଲା। ଏଲିସ୍ ଉଠିବାର ଦେଖି ତା ଅପା ବଡ଼ କଅଁଳ କରି ତାକୁ କହିଲା, "ଟିକି ଭଉଣୀଟି ମୋର ନିଦ ଭାଙ୍ଗିଲାନା?"ଟା ଖାଇବା ବେଳ ହେଲାଣି ପରା, ଡେରି ହେଲେ ଟା ଥଣ୍ଡା ହୋଇଯିବଟି। ଏଲିସ୍ ଉଠି କଣ ସବୁ ସପନ ଦେଖିଲା ଯେ କଥା ତା ଅପାକୁ କହିଲା। ତା ଅପା ସବୁ ଶୁଣି ଅବାକ୍ ହେଇ କହିଲା, "ବାଃ, ଭାରି ମଜାଦାର ସପନ ଦେଖିଲୁତ।"

www.jatayu.org

Powered by Tekons